ରବିବାର

ସକାଳ
THE SAKALA

୧-୭ ଫେବୃଆରୀ, ୨୦୨୬

# ସିନ୍ଦୂରା

- ଶ୍ରୀମନ୍ଦିର ବେଢ଼ାଦିଅଁ
- ଶ୍ରୀକ୍ଷେତ୍ରରେ ଶ୍ରୀନୃସିଂହ ଉପାସନା
- ଶ୍ରୀକ୍ଷେତ୍ରର ଅଷ୍ଟଶମ୍ଭୁ
- ଗଣେଶ ଉପାସନା
- ଶ୍ରୀକ୍ଷେତ୍ରରେ ଅଷ୍ଟଚଣ୍ଡୀ



## ଶ୍ରୀକ୍ଷେତ୍ରେ ଦିଅଁ

ପବିତ୍ର ଧାମ ଶ୍ରୀକ୍ଷେତ୍ର । ବଡ଼ ଦେଉଳର ରତ୍ନସିଂହାସନରେ ପୂଜା ପାଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ବଡ଼ ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ । ତେବେ ଶ୍ରୀମନ୍ଦିର ଭିତର ଓ ବାହାର ବେଢ଼ା ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ଅଞ୍ଚଳରେ ଅନେକ ଦେବଦେବୀଙ୍କ ଆରାଧନା କରାଯାଉଛି । ଶ୍ରୀମନ୍ଦିର ବେଢ଼ା ଭିତରେ ସତ୍ୟନାରାୟଣ, ଗରୁଡ଼, ସୂର୍ଯ୍ୟ ନାରାୟଣ, ଶ୍ରୀନୀଳମାଧବ, ଏକାଦଶୀ ଦେବୀ, ମା' ବିମଳା, ବଟମଙ୍ଗଳା ଆଦି ବହୁ ଦେବଦେବୀ ପୂଜା ପାଉଛନ୍ତି । ସେଭଳି ଶ୍ରୀମନ୍ଦିରର ଭିତର ବେଢ଼ାରେ ୨୨ଟି ଓ ବାହାର ବେଢ଼ାରେ ୨୩ଟି ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି । ତେବେ କେଉଁଠାରେ ପ୍ରତିମା ତ କେଉଁଠାରେ ଚିତ୍ର ରୂପରେ ଅଧିଷ୍ଠିତ ପ୍ରଭୁ ଗଜାନନ । ସେହିପରି ଶ୍ରୀକ୍ଷେତ୍ରରେ ନୃସିଂହ ଉପାସନାର ପରମ୍ପରା ବହୁ ପ୍ରାଚୀନ । ସେଭଳି ଶ୍ରୀକ୍ଷେତ୍ରରେ ପୂଜା ପାଉଛନ୍ତି ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁ । ସମସ୍ତ ଦେବଦେବୀଙ୍କ ରହିଛି ସ୍ୱତନ୍ତ୍ର ପୂଜାବିଧି, ରୀତିନୀତି । ବିଭିନ୍ନ ଦେବଦେବୀଙ୍କୁ ନେଇ ରହିଛି ନାନା ପୌରାଣିକ ଗାଥା ଓ କିମ୍ବଦନ୍ତୀ । ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଅଗଣିତ ଭକ୍ତ ଶ୍ରୀମନ୍ଦିର ବେଢ଼ା ଭିତର ଓ ବାହାର ଦେବଦେବୀଙ୍କ ପୂଜା କରି ପାଆନ୍ତି ଅପାର ଆନନ୍ଦ ଓ ଶାନ୍ତି । ସର୍ବଧର୍ମ ଓ ସମନ୍ୱୟ ପୀଠ ହେଉଛି ଶ୍ରୀକ୍ଷେତ୍ର । ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ଭିତର ଓ ବାହାର ବେଢ଼ା ସମେତ ଶ୍ରୀକ୍ଷେତ୍ରରେ ପୂଜିତ କେତେକ ଦେବଦେବୀଙ୍କୁ ନେଇ ପ୍ରସ୍ତୁତ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ: **ଶ୍ରୀକ୍ଷେତ୍ରେ ଦିଅଁ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



(ବି.ଦ୍ର: ଶ୍ରୀମନ୍ଦିର ଭିତରକୁ କ୍ୟାମେରା ପ୍ରବେଶ ନିଷେଧ । ସେହି ହେତୁ 'ସିନ୍ଦୂରା'ର ଏହି ସଂଖ୍ୟାର ଆଲେଖ୍ୟଗୁଡ଼ିକରେ ପ୍ରକାଶିତ କେତେକ ଦେବଦେବୀଙ୍କ ଫଟୋ କାଳ୍ପନିକ ଓ ପ୍ରତୀକାତ୍ମକ ।)

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ କର୍ମସ୍ଥଳୀରେ ବିରୋଧୀମାନଙ୍କ କୂଟଚକ୍ରାନ୍ତର ଶିକାର ହେବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପରିବାର ସହ ତୀର୍ଥସ୍ଥାନ ଭ୍ରମଣ ଯୋଗ ରହିଛି । ଶୁକ୍ର, ଶନିବାରରେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ରାସ୍ତା ପାଇବେ । ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ବୁଧ, ଗୁରୁବାରରେ ମହିଳାମାନେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ଶୁକ୍ର, ଶନିବାରରେ ପାରିବାରିକ ଜୀବନ ମଧୁର ହେବ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ସପ୍ତାହ ପ୍ରାରମ୍ଭରୁ ସଫଳତା ହାସଲ କରିବେ । ବୁଧ, ଗୁରୁବାରରେ ଆନନ୍ଦଉଲ୍ଲାସରେ ଦିନ କଟିବ । କ୍ୟାରିୟର ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବେ । ଶୁକ୍ର, ଶନିବାରରେ କାର୍ଯ୍ୟସ୍ଥଳୀରେ ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ବାହାରିବ । ପ୍ରେମ ଜୀବନରେ ସଫଳତା ପାଇବେ । ବୁଧ, ଗୁରୁବାରରେ ସମାଜରେ ପ୍ରଭାବ ବଢ଼ିବ । ଶୁକ୍ର, ଶନିବାରରେ ଧନଲାଭର ନୂଆ ରାସ୍ତା ପାଇବେ । ଯୋଜନା ଅନୁସାରେ କାର୍ଯ୍ୟ କରିବେ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ପରିବାର ମଧ୍ୟରେ ସମସ୍ୟା ଦେଖାଦେବ । ସାଙ୍ଗସାଥୀ ଏବଂ ଭାଇଭଉଣୀଙ୍କ ସହ ଅଧିକ ସମୟ କଟାଇବେ । ବୁଧ, ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ ଆୟ ତୁଳନାରେ ବ୍ୟୟ ଅଧିକ ରହିବ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ମହିଳାମାନେ ସମସ୍ତ କାର୍ଯ୍ୟକୁ ସୁଚାରୁରୂପରେ କରିବେ । ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଫଳ ପାଇବେ । ନୂତନ ନିଯୁକ୍ତି ସୁଯୋଗ ରହିଛି । ଶୁକ୍ର, ଶନିବାରରେ କୌଣସି କଥାକୁ ନେଇ ଅବସାଦରେ ରହିପାରନ୍ତି ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ସହକର୍ମୀଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ । କୌଣସି ଶୁଭ ଖବର ମିଳିପାରେ । ବୁଧ, ଗୁରୁବାରରେ ଅକସ୍ମାତ୍ ଧନଲାଭର ଯୋଗ ରହିଛି । ଶୁକ୍ର, ଶନିବାରରେ ଖର୍ଚ୍ଚ ବୃଦ୍ଧି ପାଇବାକୁ ଲାଗିବ ।

**ବିଛା**
ରବି, ସୋମ, ମଙ୍ଗଳବାରରେ ହେଉଥିବା କାର୍ଯ୍ୟ ବିଗିଡ଼ି ଯାଇପାରେ । ମନ ଭଲ ରହିବ ନାହିଁ । ବୁଧ, ଗୁରୁବାରରେ ମହିଳାମାନେ ସ୍ୱାଭିମାନୀ ହେବେ । ଶୁକ୍ର, ଶନିବାରରେ ଆର୍ଥିକସ୍ଥିତିରେ ଅବନତି ଦେଖାଦେଇପାରେ । ବ୍ୟବସାୟୀମାନେ ଦୂରଯାତ୍ରା କରିପାରନ୍ତି ।

**ଧନୁ**
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତିତ ରହିବେ । ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ବୁଧ, ଗୁରୁବାରରେ ପ୍ରିୟଜନଙ୍କ ବ୍ୟବହାରରେ କଷ୍ଟ ପାଇବେ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ପାଇବ । ବରୋଧୀମାନେ ଦୂରେଇ ରହିବେ ।

**ମକର**
ରବି, ସୋମ, ମଙ୍ଗଳବାରରେ ଦାମ୍ପତ୍ୟ ଜୀବନରେ ମଧୁରତା ଦେଖାଦେବ । ସାବଧାନତାର ସହ ଯାତାୟାତ କରନ୍ତୁ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ଶୁକ୍ର, ଶନିବାରରେ ବ୍ୟବସାୟିକ ଲାଭ ପାଇବେ । କର୍ମକ୍ଷେତ୍ରରେ ସଫଳତା ପାଇବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ କ୍ରୋଧାନ୍ୱିତ ହୋଇ କଷ୍ଟ ପାଇପାରନ୍ତି । ନିଜକୁ ଏକୁଟିଆ ଅନୁଭବ କରିପାରନ୍ତି । ବୁଧ, ଗୁରୁବାରରେ ନୂତନ ନିବେଶ କରିବାକୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ପୂର୍ବ ଯୋଜନାରେ କାର୍ଯ୍ୟକରି ଲାଭବାନ ହେବେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ କର୍ମସ୍ଥଳୀରେ ଉତ୍ତମ କାର୍ଯ୍ୟକରି ପ୍ରଶଂସାର ପାତ୍ର ହେବେ । ପାରିବାରିକ ଜୀବନରେ ଦେଖାଦେଉଥିବା ଭୁଲ ବୁଝାମଣାକୁ ଦୂର କରିବା ପାଇଁ ଚେଷ୍ଟା କରିବେ । ବୁଧ, ଗୁରୁବାରରେ ଦୀର୍ଘଦିନର ଇଚ୍ଛା ପୂରଣ ହେବ । ଶୁକ୍ର, ଶନିବାରରେ ସାଙ୍ଗସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଶ୍ରୀମନ୍ଦିରର ରହସ୍ୟମୟ ବେଢ଼ାଦିଆଁ



ଡକ୍ଟର ତ୍ରିନାଥ ପଟ୍ଟନାୟକ

ଶ୍ରୀମନ୍ଦିର ପୁରୀ ମାନବ ସମାଜ ପାଇଁ ଏକ ସମନ୍ୱୟ କ୍ଷେତ୍ର । ଐତିହାସିକମାନଙ୍କ ମତରେ ଶ୍ରୀମନ୍ଦିର ବା ବଡ଼ ଦେଉଳ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗରେ ନିର୍ମିତ ହୋଇଥିଲା । ରାଜା ଚୋଡ଼ଗଙ୍ଗ ଦେବ ଏହି ମନ୍ଦିରର ମୂଳଦୁଆ ପକାଇଥିଲେ । ପରବର୍ତ୍ତୀ ସମୟରେ ମହାରାଜା ଅନଙ୍ଗଭୀମ ଦେବ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ । ମନ୍ଦିରର ବାହାର ବେଢ଼ା ସମେତ ଜମିର ପରିମାଣ ଦଶ ଏକର । ବାହାର ବେଢ଼ାର ଚାରିପାଖରେ ବିଶାଳ ପ୍ରାଚୀର ଘେରି ରହିଛି । ଯାହାର ନାମ ମେଘନାଦ ପ୍ରାଚୀର । ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ବିରାଜମାନ କରିଛନ୍ତି । ତାଙ୍କରି ପାଖକୁ ସୁଭଦ୍ରା ଓ ବଳଭଦ୍ର ଶୋଭା ପାଉଛନ୍ତି । ସୁଦର୍ଶନ, ମହାଲକ୍ଷ୍ମୀ, ସରସ୍ୱତୀ ଓ ନୀଳମାଧବଙ୍କର ବିଗ୍ରହ ବିରାଜିତ। ଏହାକୁ 'ସପ୍ତାଭରଣ' କୁହାଯାଏ । କାଳକ୍ରମେ ବିଭିନ୍ନ ରାଜା ମହାରାଜାଙ୍କ ଦ୍ୱାରା ଭିତରବେଢ଼ା ଓ ବାହାରବେଢ଼ା ପରିସରରେ ବିଭିନ୍ନ ଦେବଦେବୀଙ୍କ ବିଗ୍ରହ ସ୍ଥାପନ କରାଯାଇଛି । ମନ୍ଦିର ନିର୍ମାଣ ସହିତ ନୀତିକାନ୍ତିର ବ୍ୟବସ୍ଥା କରାଯାଇଛି । ଆମେ ସେଥିମଧ୍ୟରୁ କେତୋଟି ଦେବଦେବୀଙ୍କ ବିଗ୍ରହ ଓ ମନ୍ଦିର ବିଷୟରେ ଆଲୋଚନା କରିବା ।

## ସତ୍ୟନାରାୟଣ

ଆଗ୍ନେୟଶ୍ୱର ମହାଦେବଙ୍କ ମନ୍ଦିର ତଥା ଭୋଗ ନେବା ଆଣିବା ରାସ୍ତାକୁ ପାର ହେଲା ପରେ ଉତ୍ତର ମୁଖ ହୋଇ ବିରାଜମାନ କରିଛନ୍ତି ଶ୍ରୀସତ୍ୟନାରାୟଣଙ୍କ ସୁନ୍ଦର ବିଗ୍ରହ। ଏହା କଳାମୁଗୁନି ପଥରରେ ନିର୍ମିତ। ଏହାଙ୍କର ଉଚ୍ଚତା ପାଦପୀଠକୁ ମିଶାଇ ପାଞ୍ଚଫୁଟ ଦଶ ଇଞ୍ଚ ହେବ। ସତ୍ୟନାରାୟଣଙ୍କ ଦୁଇପାର୍ଶ୍ୱରେ ଭୂଦେବୀ ଓ ଶ୍ରୀଦେବୀ ଶୋଭା ପାଉଛନ୍ତି। ବିଗ୍ରହଙ୍କ ଉପର ଡାହାଣ ହାତରେ ଚକ୍ର। ଉପର ବାମ ହାତରେ ଶଙ୍ଖ, ତଳ ଡାହାଣ ହାତରେ ଅଭୟ ମୁଦ୍ରା ଏବଂ ଚକ୍ର ବାମ ହାତରେ ଗଦା ଶୋଭା ପାଉଛି। ନତଜାନୁ ପୂର୍ବକ ଗରୁଡ଼ ଦକ୍ଷିଣ ଆଡ଼କୁ ପାଦତଳେ ବସିଛନ୍ତି।

ସତ୍ୟନାରାୟଣ ମନ୍ଦିରର ଉଚ୍ଚତା ପ୍ରାୟ ୨୫ ଫୁଟ। ଏହି ମନ୍ଦିର ପଞ୍ଚରଥ ଶୈଳୀରେ ନିର୍ମିତ। ମନ୍ଦିରର ସମ୍ମୁଖ ଭାଗରେ ମଣ୍ଡପ ସଦୃଶ ମୁଖଶାଳା ରହିଛି। ଐତିହାସିକମାନେ ମତ ବ୍ୟକ୍ତ କରନ୍ତି ଉକ୍ତ ମନ୍ଦିରକୁ ଦିବ୍ୟସିଂହ ଦେବଙ୍କ କନିଷ୍ଠ ଭ୍ରାତା ହରେକୃଷ୍ଣ ଦେବଙ୍କ ପ୍ରଥମ ରାଣୀ ସତ୍ୟଭାମା ପାଟମହାଦେଇ ନିର୍ମାଣ କରିଥିଲେ।



ସତ୍ୟନାରାୟଣ ବିଗ୍ରହଙ୍କ କର୍ଣ୍ଣରେ କୁଣ୍ଡଳ, ଗଳାରେ ହାର ଓ ପ୍ରତ୍ୟେକ ହସ୍ତରେ ଦୁଇଯୋଡ଼ା କରି ଖଡୁ ଶୋଭା ପାଉଛି। ମୁଖ୍ୟ ବିଗ୍ରହଙ୍କ ଦୁଇପାର୍ଶ୍ୱରେ ଜୟା-ବିଜୟା ଦଣ୍ଡାୟମାନ। ପୀଠଟି ଅତୀବ ସୂକ୍ଷ୍ମ କାରୁକାର୍ଯ୍ୟ ଦ୍ୱାରା ଖୋଦିତ ହୋଇ କମନୀୟ ହୋଇଛି। ବିଗ୍ରହଙ୍କ ଉପର ପାର୍ଶ୍ୱରେ ଅପସରା ଓ କିନ୍ନରୀମାନଙ୍କ ସୁନ୍ଦର ମୂର୍ତ୍ତି ଖୋଦିତ ହୋଇଛି।

ସତ୍ୟ ନାରାୟଣଙ୍କ ଧ୍ୟାନ ବିଗ୍ରହଙ୍କୁ ଚାହିଁ ଯଥାର୍ଥ ଅଟେ।

"ଶୁକ୍ଳାମ୍ବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୁଜମ୍
ପ୍ରସନ୍ନବଦନଂ ଧ୍ୟାୟେତ ସର୍ବ ବିଘ୍ନୋପଶାନ୍ତୟେ ।"
(ମୁକ୍ତି ଚିନ୍ତାମଣି)

ହିନ୍ଦୁ-ମୁସଲମାନ ମଧ୍ୟରେ ସମାନତା ପ୍ରତିଷ୍ଠିତ ନିମନ୍ତେ ସତ୍ୟପୀରର କଳ୍ପନା କରାଯାଇଥିଲା। ମୁସଲମାନଙ୍କର ପୀର (ସତ୍ୟ) ହିନ୍ଦୁମାନଙ୍କର ନାରାୟଣଙ୍କୁ ମିଶାଇ ଭଗବାନଙ୍କ ସ୍ୱରୂପର ପରିକଳ୍ପନା 'ସତ୍ୟନାରାୟଣ'। ଷୋଡ଼ଶ ଶତାବ୍ଦୀ ପରବର୍ତ୍ତୀ ସମୟରେ ଓଡ଼ିଶାରେ ସତ୍ୟପୀର (ସତ୍ୟ ନାରାୟଣ) ଉପାସନା ପ୍ରଚଳିତ ହୋଇଛି। ଓଡ଼ିଶାର ପାଲାକାରମାନେ ସତ୍ୟନାରାୟଣଙ୍କୁ ଆରାଧ୍ୟ ଦେବତା ରୂପେ ଗ୍ରହଣ କରିଥାନ୍ତି।



## ଗରୁଡ଼

ଶ୍ରୀବିଷ୍ଣୁ ସ୍ୱରୂପ ଶ୍ରୀଜଗନ୍ନାଥଙ୍କର ବାହନ ହେଉଛନ୍ତି ଗରୁଡ଼। ଏଣୁ ପ୍ରଭୁ ଯେଉଁଠି ସେବକ ମଧ ସେହିଠାରେ ବିଦ୍ୟାମାନ ଥାଆନ୍ତି। ଶ୍ରୀମନ୍ଦିରର ଜଗମୋହନ ଓ ଭୋଗମଣ୍ଡପ ମଧବର୍ତ୍ତୀ ନାଟମନ୍ଦିର। ନାଟମନ୍ଦିରର ପୂର୍ବ ଦିଗରେ ଗରୁଡ଼ସ୍ତମ୍ଭ ଅବସ୍ଥିତ। ଏହି ସ୍ତମ୍ଭର ଉଚ୍ଚତା ପ୍ରାୟ ୧୦ ଫୁଟ। ଉକ୍ତ ସ୍ତମ୍ଭ ଉପରେ ଯୋଡ଼ ହସ୍ତରେ ଶ୍ରୀଗରୁଡ଼ ବିରାଜମାନ କରିଛନ୍ତି। ପାଞ୍ଚଫୁଟ ଲମ୍ବରେ ପାଞ୍ଚଫୁଟ ଓସାରର ଏକ ପିଢ଼ ଉପରେ ଖମ୍ବଟି ଦଣ୍ଡାୟମାନ ଅଛି। ଏହି ପିଢ଼ର ଉଚ୍ଚତା ଦୁଇଫୁଟ। ପିଢ଼ ଉପରୁ ସାତ ଫୁଟ ଉଚ୍ଚରେ ଏକ ବଇଠି ଉପରେ ଗରୁଡ଼ ବିଗ୍ରହ ବିରାଜିତ। ଖମ୍ବଟିର ମଧବର୍ତ୍ତୀ ଅଂଶ ତଳ ଓ ଉପର ଅଂଶ ଅପେକ୍ଷା ସାମାନ୍ୟ ସରୁ ହୋଇଅଛି। ଗରୁଡ଼ ସ୍ତମ୍ଭର ଗୋଲେଇ ୩ ଫୁଟ। ସ୍ତମ୍ଭଟି ଦେଖିବାକୁ ଶ୍ୱେତବର୍ଣ୍ଣ। ଗରୁଡ଼ ବିଗ୍ରହ କଳାମୁଗୁନି ପଥରରେ ନିର୍ମିତ। ଉଚ୍ଚତା ପ୍ରାୟ ଦୁଇଫୁଟ। ଗରୁଡ଼ଙ୍କ ମସ୍ତକ, କପୋଳ, ଚିବୁକ, କର୍ଣ୍ଣ ଅଧରହସ୍ତ ଓ ଚକ୍ଷୁଦ୍ୱୟ ମାନବାକୃତି। ନାସା ସୁଦୀର୍ଘ। ପକ୍ଷୀର ଚଞ୍ଚୁ ସଦୃଶ। ଗରୁଡ଼ଙ୍କ ଦକ୍ଷିଣ ଜାନୁ ତଳେ ଓ ବାମଜାନୁ ଉପରକୁ ଉଠିଅଛି। ଗରୁଡ଼ ବିଗ୍ରହ ପଶ୍ଚିମାମୁଖୀ ଓ ସର୍ବଦା ମହାପ୍ରଭୁଙ୍କ ପ୍ରଣାମ ମୁଦ୍ରାରେ ଅଛନ୍ତି। ପକ୍ଷ ଯୁଗଳ ଉଡ଼ିବା ଢଙ୍ଗରେ ବିସ୍ତାରିତ ହୋଇ ରହିଛି। ସତେ ଯେମିତି ପ୍ରଭୁଙ୍କ ଆବେଗ ଅପେକ୍ଷାରେ ଅଛନ୍ତି।

ଗରୁଡ଼ ସ୍ତମ୍ଭର ତଳୁ ଉପର ପର୍ଯ୍ୟନ୍ତ ଫଟା ଦାଗ ଅଛି। ଗଣ୍ଠି ଅଛି। ଏଣୁ ଏହା କାଠଗଣ୍ଠି ବୋଲି କୁହାଯାଏ। ଆଉ ମଧ ଏକ ପ୍ରସ୍ତରୀଭୂତ ଏକ ବୃକ୍ଷର ଜୀବାଶ୍ମ ବା ଫସିଲ ବୋଲି କେତେକ ମତ ଦିଅନ୍ତି। ମନ୍ଦିର ପ୍ରତିଷ୍ଠା ସମୟରେ ଯୂପକାଠ ପୋତାଯାଏ। ଏହା ସେହି ଯୂପକାଠ ବୋଲି ମତ ପ୍ରକାଶ ପାଏ। ଶ୍ରୀମନ୍ଦିର ପ୍ରତିଷ୍ଠା ସମୟରେ ଏହା ପୋତା ହୋଇ ପାରିଥାଏ। ପରବର୍ତ୍ତୀ ସମୟରେ ପ୍ରଲେପ ଲେପନ କରାଯାଇଥିବାରୁ ଦାରୂ ରୂପେ ପ୍ରମାଣ କରି ହେଉ ନାହିଁ। କାରଣ ବର୍ଷ ବର୍ଷ ଧରି ଜଳ ସଂସ୍ପର୍ଶରେ ଉକ୍ତ ସ୍ତମ୍ଭ ଆସୁଥିଲେ ହେଁ କୌଣସି କ୍ଷତି ହେଉ ନାହିଁ। ପୁରାଣକାରମାନେ କୁହନ୍ତି ଗରୁଡ଼ ଖମ୍ବଟି ଗରୁଡ଼ଶିଳା। ଏକଦା ଗରୁଡ଼ ବଦ୍ରିକାଶ୍ରମରେ ଏହି ଶିଳା ଉପରେ ବସି କଠୋର ତପସ୍ୟା କରିଥିଲେ। ସେଥିପାଇଁ ଭଗବାନ ବିଷ୍ଣୁ ବର ଦେଇଥିଲେ ‘ଗରୁଡ଼ ଶିଳା’କୁ ଯେଉଁ ବ୍ୟକ୍ତି ସ୍ପର୍ଶ କରିବ ତାହାର ସମସ୍ତ ପ୍ରକାର ରୋଗବ୍ୟାଧି ଦୂର ହୋଇ ସୁଖ ଶାନ୍ତିରେ ରହିବ। (ସ୍କନ୍ଦ ପୁରାଣ) ସ୍ତମ୍ଭର ବୈଶିଷ୍ଟ ହେଉଛି, ଦୀପ ଜଳିଲେ ସ୍ତମ୍ଭର ଆସ୍ଥାନ ଓ ଗରୁଡ଼ଙ୍କ ପାଦପୀଠ ତାତି ଯାଏ। କିନ୍ତୁ ସ୍ତମ୍ଭଟି ଆଦୌ ତାତେ ନାହିଁ। କାର୍ତ୍ତିକ ମାସରେ ସ୍ତମ୍ଭ ନିକଟରେ ବେଶୀ ଦୀପ ଜଳେ ସେ ସମୟରେ ସ୍ତମ୍ଭ ଦେହରୁ ବିନ୍ଦୁ ବିନ୍ଦୁ ହୋଇ କେବଳ ଝାଳ ବାହାରେ। ଗରୁଡ଼ ସ୍ତମ୍ଭଟି ଶ୍ୱେତବର୍ଣ୍ଣ ମାତ୍ର ବିଗ୍ରହ କରିଥିବା ପାଦ ପୀଠଟି କୃଷ୍ଣବର୍ଣ୍ଣ ହୋଇଥିବାରୁ ସ୍ତମ୍ଭଟି ବିଳମ୍ବରେ ତାତି ଅପେକ୍ଷାକୃତ ଶୀତଳ ହୋଇଯାଏ। କାରଣ କଳାରଙ୍ଗ, ଧଳାରଙ୍ଗ ଅପେକ୍ଷା ଶୀଘ୍ର ଉତ୍ତପ୍ତ ହୋଇଥାଏ। ଗରୁଡ଼ଙ୍କ ଧ୍ୟାନ-

**ଓଁ ତଦ୍ଦିଷ୍ଣୋ ର୍ବହନେକ୍ଷମଂ ବଳବତାଂ ମଧ୍ୟେ ବରଂ ସୁନ୍ଦରଂ**
**ଚଞ୍ଚତ୍ ଭକ୍ତି ରସ ପରାୟଣ ପରଂ କାନ୍ତ୍ୟାତ୍ମ କାର୍ତ୍ତ୍ୟ ସ୍ୱରଂ।**
**ଅଗ୍ରେ ଧ୍ୟାନଂ ପରାୟଣଂ ଗୁଣମୟଂ ନାଗାବଳି ଚର୍ବଣଂ**
**ସର୍ବେଷାଂ ବଳ ଗର୍ବିଣା ଭୟଧରଂ ତଂ ପକ୍ଷୀରାଜଂ ଭଜେ ॥**

ଶ୍ରୀମନ୍ଦିରରେ ପ୍ରତ୍ୟେକ ଦିନ ଅବକାଶ ପରେ ପରେ ଗରୁଡ଼ ସେବକ ବିମଳାଙ୍କ କୂଅରୁ ଗରାରେ ପାଣି ଆଣି ଗରୁଡ଼ଙ୍କୁ ଚୁଆ ଚନ୍ଦନ ଲଗାଇ ସ୍ନାନ କରାନ୍ତି। ବସ୍ତ୍ର ପିନ୍ଧାଇ ପୁଷ୍ପ ଅର୍ଘ୍ୟ ପ୍ରଦାନ କରି ବେଶ କରାଇଥାନ୍ତି। ସକାଳ ଧୂପରେ ଖେଚେଡ଼ି ‘ସର୍ବମଣୋହି’ କରାଇ ମଧ୍ୟାହ୍ନ ଧୂପରେ ଦୁଇଟି ସାନ ଆରିସା ପିଠା ମଣୋହି କରାନ୍ତି। ଚୂନରା ସେବକମାନେ ଗରୁଡ଼ଙ୍କର ସେବକ ଅଟନ୍ତି।

କଥିତ ଅଛି ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ନପାରିଲେ ଏହି ଗରୁଡ଼ସ୍ତମ୍ଭକୁ ଆଲିଙ୍ଗନ କରି ବିଶେଷ ଆନନ୍ଦ ଲାଭ କରନ୍ତି। ଯେତେ ମହାନ ସାଧୁସନ୍ଥ ଶ୍ରୀମନ୍ଦିରକୁ ଆସିଛନ୍ତି ପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ, ସମସ୍ତେ ଶ୍ରୀଜଗନ୍ନାଥଙ୍କୁ ଏହି ଗରୁଡ଼ସ୍ତମ୍ଭ ପଛରୁ ଥାଇ ଦର୍ଶନ କରିଛନ୍ତି ଓ ତୃପ୍ତିଲାଭ କରିଛନ୍ତି। ଶ୍ରୀଚୈତନ୍ୟ ତ ସର୍ବଦା ଗରୁଡ଼ସ୍ତମ୍ଭ ପଛରେ ଥାଇ ପ୍ରଭୁଙ୍କୁ ଦର୍ଶନ କରି ତନ୍ମୟ ହୋଇଯାଆନ୍ତି। ତା’ର ନିଦର୍ଶନ ଗରୁଡ଼ସ୍ତମ୍ଭ ପଛପାଖ ଭଅଣ୍ଡ ମଣ୍ଡପର ଦ୍ୱାର ପାଖରେ ଶ୍ରୀଚୈତନ୍ୟଙ୍କର ଟିପ ଚିହ୍ନ ଏ ପର୍ଯ୍ୟନ୍ତ ରହିଛି। ଏଣୁ ଭକ୍ତ କବି କହିଛନ୍ତି- “ଗରୁଡ଼ ପଛରେ ଥାଇ ଦେଖିଯା କଳାଶ୍ରୀମୁଖ।” ପୁଣି ସରିଆ କବି କହିଛନ୍ତି – “ଗରୁଡ଼ ପଛରେ ଦେଖ, ଦିଶୁଛି କଳା ଶ୍ରୀମୁଖ, କହଇ ସାରିଆ ଭିକ, ବଳରାମଙ୍କୁ କହିବା।”



## ସୂର୍ଯ୍ୟ ନାରାୟଣ

ଶ୍ରୀମନ୍ଦିର କୂର୍ମ ପ୍ରାଚୀର ଉତ୍ତର ଭାଗରେ ଓ ଶ୍ରୀମହାଲକ୍ଷ୍ମୀ ମନ୍ଦିରର ପୂର୍ବକୁ ସୂର୍ଯ୍ୟ ନାରାୟଣ ମନ୍ଦିର ଅବସ୍ଥିତ। ଏହାର ଉଚ୍ଚତା ୬୩ ଫୁଟ। ସୂର୍ଯ୍ୟ ମନ୍ଦିର ଏକ ପୁରାତନ ମନ୍ଦିର। ଏହି ମନ୍ଦିର ତିନି ଭାଗରେ ବିଭକ୍ତ- ବିମାନ, ଜଗମୋହ ଓ ନାଟ ମନ୍ଦିର। ବିମାନ ମଧ୍ୟରେ ସିଂହାସନ ଉପରେ ପ୍ରସ୍ତରର ସୂର୍ଯ୍ୟନାରାୟଣ ବିଗ୍ରହ ବିରାଜମାନ କରିଛନ୍ତି। ନିକଟରେ ସପ୍ତାଶ୍ୱ ଅଛନ୍ତି। ଏହି ମୂର୍ତ୍ତି କଳାମୁଗୁନି ପଥରର ମଣି ବିଗ୍ରହ। କୋଣାର୍କ ମନ୍ଦିର ପତନ ପରେ ସେଠାରୁ ସୂର୍ଯ୍ୟ ନାରାୟଣଙ୍କୁ ଅଣାଯାଇ ଏଠାରେ ପୂଜା କରାଯାଉଛି। ପୂର୍ବରୁ ଏହି ମନ୍ଦିରକୁ ଇନ୍ଦ୍ର ଦେଉଳ କୁହାଯାଉଥିଲା। ବିରଞ୍ଚି ନାରାୟଣ ଓ ଶାମ୍ବ ପୂଜା ପାଉଥିଲେ ପରବର୍ତ୍ତୀ ସମୟରେ ଚନ୍ଦ୍ର ଓ ସୂର୍ଯ୍ୟ ବିଗ୍ରହ ଅଣାଗଲା। ମୁସଲମାନମାନଙ୍କ ଆକ୍ରମଣ କାଳରେ କୋଣାର୍କର ସୂର୍ଯ୍ୟ ମୂର୍ତ୍ତିଙ୍କୁ କେହି ପୁଣି ନଷ୍ଟ କରିଦେବ, ସେଥିପାଇଁ ସେଇ ମୂର୍ତ୍ତିକୁ ଆବରଣ କରାଇ ତାହାଙ୍କ ସମ୍ମୁଖରେ ଏକ ପ୍ରାଚୀନ ମୂର୍ତ୍ତି ରଖାଯାଇଛି। କେତେକ ଗବେଷକ କୁହନ୍ତି – “ସୂର୍ଯ୍ୟ ମୂର୍ତ୍ତିଟି ଭାଙ୍ଗି ଯାଇଥିବାରୁ ତାକୁ ଘୋଡ଼ାଇ ଦିଆଯାଇ ଅତୁଟ ମୂର୍ତ୍ତିଟି ସମ୍ମୁଖରେ ରଖାଯାଇଛି।” କେହି କେହି “ଉକ୍ତ ମୂର୍ତ୍ତିକୁ ବୁଦ୍ଧ ଦେବଙ୍କର” ବୋଲି କୁହନ୍ତି। ମାତ୍ର ଏହାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ଏ ପର୍ଯ୍ୟନ୍ତ ମିଳି ନାହିଁ।

‘ମାଦଳାପାଞ୍ଜି’ରେ ଉଲ୍ଲେଖ ଅଛି ଯେ, ରାଜା ନରସିଂହ ଦେବ (ଖ୍ରୀ ୧୬୨୨-୧୬୪୬) ଏହି ମୂର୍ତ୍ତିକୁ କୋଣାର୍କରୁ ଅଣାଇ ଏଠାରେ ପ୍ରତିଷ୍ଠା କରିଥିଲେ। ଉକ୍ତ ମନ୍ଦିରରେ ସୂର୍ଯ୍ୟ ଦେବ ପ୍ରତି ରବିବାରରେ ଦୁଇଥର ସ୍ନାନ ହୁଅନ୍ତି। ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳ ଷଷ୍ଠୀଦିନ ଏଠାରେ ଚୈତ୍ର ଗୁଣ୍ଡିଚା ଅନୁଷ୍ଠିତ ହୁଏ। ଏହି ଦିନ



ସୂର୍ଯ୍ୟ ପ୍ରତିମା ରଥରେ ବସି ଜଗମୋହନରେ ବିରାଜମାନ ହୁଅନ୍ତି।

ଏହା ବ୍ୟତୀତ ଏହି ମନ୍ଦିରରେ ତିଳ ସପ୍ତମୀ ସପ୍ତପୁରୀ ଅମାବାସ୍ୟା, ଶାମ୍ବ ଦଶମୀ, କୁମାର ପୂର୍ଣ୍ଣିମା, ଓଡ଼ଣ ଷଷ୍ଠୀ, ବସନ୍ତ ପଞ୍ଚମୀ ପ୍ରଭୃତି ଉତ୍ସବ ପାଳିତ ହୋଇଥାଏ। ଏହାଙ୍କର ନୈବେଦ୍ୟ ପ୍ରସ୍ତୁତ କରିବା ପାଇଁ ପୃଥକ୍ ରୋଷଘର ଅଛି। ସୂର୍ଯ୍ୟ ଦେବ ଧର୍ମ ସ୍ୱରୂପ ହୋଇଥିବା ଯୋଗୁଁ ଏହି ମନ୍ଦିରର ଜଗମୋହନରେ ବିବାହ ପ୍ରଭୃତି ଶୁଭକର୍ମ ପାଇଁ ମହାପ୍ରସାଦ ନିର୍ବନ୍ଧ ନିର୍ବାହ ହୋଇଥାଏ। ଛ’ଭୋଗ ପୂଜା ହୁଏ। ଛତିଶା ନିଯୋଗ ସରଘରେ ଏ ପ୍ରସାଦ ବିକ୍ରି ହୁଏ।

ସୂର୍ଯ୍ୟ ମନ୍ଦିରର ଜଗମୋହନର ଦକ୍ଷିଣ ପାର୍ଶ୍ୱରେ ତିନିମୁଣ୍ଡ, ତିନିଗୋଡ଼ ଓ ଛଅ ହାତ ବିଶିଷ୍ଟ ଏକ ମଣି ବିଗ୍ରହ ବିଦ୍ୟମାନ ଅଛନ୍ତି। ଏହି ବିଗ୍ରହଙ୍କୁ ଲୋକ ମୁଖରେ ‘ଜ୍ୱର ଦିଅଁ’ ବୋଲି କୁହାଯାଏ। ଏହାକୁ ବିଧି ପୂର୍ବକ ଆରାଧନା କଲେ ବହୁ ଦିନର କଠିନ ଜ୍ୱର ରୋଗ ଉପଶମ ହୋଇଯାଏ ବୋଲି ଲୋକବିଶ୍ୱାସ ଅଛି।

ସୂର୍ଯ୍ୟ ସକଳ ଶକ୍ତିର ଆଧାର। ଗ୍ରହରାଜ। ଏଣୁ ସୂର୍ଯ୍ୟ ଦେବତାଙ୍କ ଦର୍ଶନ ସମୟରେ ଶଙ୍କର ଧ୍ୟାନ କରିବା ଉଚିତ।

**ଗ୍ରହଣାମାଦିରାଦିତ୍ୟ ! ଲୋକ ରକ୍ଷଣ କାରକ**
**ବିଷମ ସ୍ଥାନସଂଭୂତାଂ ପୀଡ଼ାଂ ହରତୁ ମେ ଗ୍ରହ।**

ହେ ସୂର୍ଯ୍ୟ, ଆପଣ ଗ୍ରହରାଜ ! ଲୋକରକ୍ଷଣ ଆପଣଙ୍କର କାର୍ଯ୍ୟ। ପୁଣି ସକଳ ଶକ୍ତିର ଆଧାର ଯେତେବେଳେ ଅନ୍ୟ ଗ୍ରହମାନେ ବିଷମ ସ୍ଥାନରେ ଅବସ୍ଥାନ କରିବେ, ପୀଡ଼ା ଦେବେ। ସେତେବେଳେ ଆପଣ ପୀଡ଼ା ହରଣ କରନ୍ତୁ।



## ନୀଳମାଧବ

ଶ୍ରୀମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଭୁବନେଶ୍ୱରୀ ମନ୍ଦିରର ଉତ୍ତର ଦିଗରେ ନୀଳମାଧବ ମନ୍ଦିର ଅବସ୍ଥିତ। ଦୁଇଗୋଟି କିମ୍ବଦନ୍ତୀ ନୀଳମାଧବଙ୍କ ବିଷୟରେ ଅଛି। ପ୍ରଥମଟି ହେଉଛି ଶବର ରାଜା ବିଶ୍ୱାବସୁ ଜଙ୍ଗଲ ମଧ୍ୟରେ ପୂଜା କରୁଥିବା ନୀଳମାଧବଙ୍କ ପ୍ରତିରୂପ ଏହି ନୀଳମାଧବ। ଦ୍ୱିତୀୟ କଥା ହେଲା ଏହାଙ୍କୁ ଗାଲମାଧବ ରାଜା ମନ୍ଦିର ନିର୍ମାଣକାରୀ ଇନ୍ଦ୍ରଦ୍ୟୁମ୍ନଙ୍କ ଅନୁପସ୍ଥିତିରେ ଶ୍ରୀମନ୍ଦିରରେ ଏହି ନୀଳମାଧବଙ୍କୁ ପୂଜା କରୁଥିଲେ। ପରେ ଶ୍ରୀବିଗ୍ରହମାନେ ମନ୍ଦିରରେ ପ୍ରତିଷ୍ଠା ହେଲେ।

ନୀଳମାଧବ ଚତୁର୍ଭୁଜ ବିଶିଷ୍ଟ ବିଗ୍ରହ। ଡାହଣ ଉପର ହାତରେ ଚକ୍ର ଓ ତଳ ହସ୍ତରେ ପଦ୍ମ, ବାମ ଉପର ହସ୍ତରେ ଶଙ୍ଖ ଓ ତଳ ହସ୍ତରେ ଗଦା ଧାରଣ କରିଛନ୍ତି। ନୀଳମାଧବ ମନ୍ଦିରର ଉଚ୍ଚତା ଚଉତିରିଶ ଫୁଟ ରେଖା ମନ୍ଦିର ଅନ୍ତର୍ଗତ। ଗର୍ଭଗୃହ ସହିତ ଜଗମୋହନ ସଂଯୁକ୍ତ ଅଛି। ଗବେଷକମାନେ ମତ ବ୍ୟକ୍ତ କରନ୍ତି ଉକ୍ତ ମନ୍ଦିର ଛଅ ଶହ ବର୍ଷର ପୁରାତନ। ନୀଳମାଧବଙ୍କ ଦକ୍ଷିଣରେ ବରାହ ଓ ପଶ୍ଚିମରେ ନୃସିଂହ ମୂର୍ତ୍ତି ଅବସ୍ଥିତ ଅଛନ୍ତି। ପୂର୍ବାଭିମୁଖୀ ମନ୍ଦିରର ମୁଖ୍ୟ ଦ୍ୱାରର ଉଚ୍ଚତା ସାଢ଼େ ଚାରିଫୁଟ ଏବଂ ଓସାର ମାତ୍ର ତିନିଫୁଟ। ଦ୍ୱାରବନ୍ଧ ଉପରେ ନବଗ୍ରହ ଅଛନ୍ତି। ଦ୍ୱାରର ଦୁଇ ପାର୍ଶ୍ୱରେ ଜୟବିଜୟଙ୍କର ବିଗ୍ରହ ଦେଖିବାକୁ ମିଳେ। ମନ୍ଦିରର ଜଗମୋହନ ଆୟତନ ଲମ୍ବରେ ୧୬ ଫୁଟ ଏବଂ ଓସାର ୮ ଫୁଟ। ଗର୍ଭ ଗୃହର ଲମ୍ବ ଏବଂ ପ୍ରସ୍ଥ ଆଠ ଫୁଟ ଦେଢ଼ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରସ୍ତର ସିଂହାସନର ଲମ୍ବ ଆଠଫୁଟ ଏବଂ ପ୍ରସ୍ଥ ଦେଢ଼ ଫୁଟ। ନୀଳମାଧବଙ୍କର ଉଚ୍ଚତା ୨ ଫୁଟ। ଚିକ୍କଣ କଳା ମୁଗୁନି ପଥରରେ ପ୍ରତିମା ନିର୍ମାଣ ହୋଇଛି। ନୀଳମାଧବ ମୂର୍ତ୍ତି ଅତ୍ୟନ୍ତ ମନୋହର। ଏଠାରେ ଗରୁଡ଼ଙ୍କ ବଦଳରେ ଶବର ରାଜ ବିଶ୍ୱାବସୁଙ୍କ ଉପବେଶନ କରିବା ଭଙ୍ଗୀରେ ବିଗ୍ରହ ଅଛି।

ନୀଳ ମାଧବ ବିଗ୍ରହ ମଧ୍ୟରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ଅଛନ୍ତି। ନୀଳ+ମା+ଧବ। ଅନ୍ୟମତରେ ଶ୍ରୀକୃଷ୍ଣ, ନୀଳମାଧବ ଓ ଜଗନ୍ନାଥ – ଏହି ତ୍ରିଦେବ ନୀଳମାଧବ ରୂପେ ପରିଚିତ ଅଟନ୍ତି।

ନୀଳମାଧବଙ୍କ ଦୈନିକ ନୀତି ମଧ୍ୟରେ ପ୍ରାତଃ କାଳରେ ମଙ୍ଗଳ ଆଳତି, ସ୍ନାନବେଶ, ଖଇକୋରା, କଦଳୀ ଭୋଗ କରାଯାଏ। ରାତିରେ ଛେନା, ସର, ରାବିଡ଼ି, ଖଇ, କଦଳୀ ଆଦି ଭୋଗ ଲାଗିଥାଏ। ମନ୍ଦିରର ବିଶେଷତ୍ୱ ହେଉଛି ଉଦିତ ସୂର୍ଯ୍ୟର ପ୍ରଥମ କିରଣ ନୀଳମାଧବଙ୍କ ପାଦପଦ୍ମ ଉପରେ ପଡ଼ିଥାଏ।

ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ମୁତାବକ ଶ୍ରୀନୀଳମାଧବ ମନ୍ଦିରଟି ଦଇତାପତି ନିଯୋଗର ତତ୍ତ୍ୱାବଧାନରେ ରହିଛି। ଏହା ମଧ୍ୟ ସେମାନଙ୍କର କାର୍ଯ୍ୟାଳୟ ଅଟେ। ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା ସମୟରେ ନୀଳମାଧବଙ୍କୁ ଦର୍ଶନ ପୂର୍ବକ ପ୍ରଣାମ ଜଣାଇଥାନ୍ତି।

ନୀଳ ମାଧବଙ୍କ ଧ୍ୟାନ-

**ନୀଳାଦ୍ରିଶିଖରାସୀନଂ ନମାମି ନୀଳମାଧବମ୍**
**ପ୍ରଣତାର୍ତ୍ତିହରଂ ଦେବଂ ଶରଣାଗତ ରକ୍ଷକମ୍।**

ହେ ନୀଳ ମାଧବ । ନୀଳାଚଳର ଶୀର୍ଷ ସ୍ଥାନରେ ଆପଣ ବିରାଜମାନ କରିଛନ୍ତି। ଆପଣ ପ୍ରଣତ ଲୋକର ଦୁଃଖ ନାଶକ। ଶରଣାର୍ଥୀର ଶରଣ ଦାୟକ। ମୋର ପ୍ରଣାମ ଗ୍ରହଣ କରନ୍ତୁ ପ୍ରଭୁ।





## ଏକାଦଶୀ ଦେବୀ


ଏକାଦଶୀ ଭଗବାନ ବିଷ୍ଣୁଙ୍କର ବିଶେଷ ତିଥି। ଶ୍ରୀମନ୍ଦିରରେ ପ୍ରତ୍ୟେକ ଏକାଦଶୀରେ ସନ୍ଧ୍ୟା ଆଳତି ପରେ ଏକାଦଶୀ ନୀତି ପାଳିତ ହୁଏ। ଶୁକ୍ଲପକ୍ଷରେ ପଡୁଥିବା ଏକାଦଶୀକୁ ମନ୍ଦିରରେ ପାଳନ କରାଯାଏ। ଏକାଦଶୀ ଦିନ ଶ୍ରୀମନ୍ଦିର ଉପରକୁ ମହାଦୀପ ଉଠେ। ଏକାଦଶୀ ଗୁରୁବାରରେ ପଡ଼ିଲେ ଦଣ୍ଡଛତ୍ର ନୀତି ହୁଏ। ସୋମବାର ପଡ଼ିଲେ ଶମ୍ଭୁ ଏକାଦଶୀ ନୀତି ବଢ଼େ।

ଶ୍ରୀମନ୍ଦିରସ୍ଥ ବିମାନର ପଶ୍ଚିମ କାନ୍ଥ ପାଖରେ ଥିବା ଏକ କ୍ଷୁଦ୍ର ମନ୍ଦିରକୁ ଏକାଦଶୀ ମନ୍ଦିର କୁହାଯାଏ। ଏହି ମନ୍ଦିରରେ ଏକାଦଶୀ ଦେବୀ ବିରାଜିତା । ଏହି ମନ୍ଦିର ଲମ୍ବ ଓସାର ଉଚ୍ଚତା ଚାଖଣ୍ଡରୁ



କମ୍ ହେବ। ମନ୍ଦିରରେ ଏକାଦଶୀ ବ୍ରତ ପାଳନର ନିୟମ ଅଛି। ଏହି ବ୍ରତ ନିରାହାର ରହି ପାଳନ କରିବା ନିୟମ ଅଛି, ମାତ୍ର ତାହା ମନ୍ଦିରରେ ନାହିଁ। ମହାପ୍ରସାଦ ସେବା କରି ବ୍ରତ ପାଳନ କରାଯାଏ। ଲୋକ ମତରେ ଏଠାରେ ଏକାଦଶୀ ଦେବୀଙ୍କୁ ଶ୍ରୀଜଗନ୍ନାଥ ବାନ୍ଧି କରି ରଖିଛନ୍ତି। ଏକାଦଶୀ ଦିନ ଲୋକେ ଏକାଦଶୀ ଦେବୀଙ୍କୁ ଦର୍ଶନ କରି ବ୍ରତ କରନ୍ତି। ସେଦିନ ବଡ଼ ଦେଉଳର ଚାରି ଦେଉଳ ଉପରେ ରାତିରେ ବଡ଼ସିଂହାର ପରେ ଦୀପ ଉଠେ। 'ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଜୟ ହେଉ' ବୋଲି ଦୀପ ଜାଳିବା ସେବକ ଡାକ ଦିଅନ୍ତି। ଏହାର କାରଣ ଇନ୍ଦ୍ରଦ୍ୟୁମ୍ନ ମହାରାଜା ପ୍ରଥମେ ମନ୍ଦିର ପ୍ରତିଷ୍ଠା କରିଥିବାରୁ ତାଙ୍କର ସୁରକ୍ଷା ତଥା ସ୍ମୃତି ଚାରଣ ଜୟ ଡାକ ଏକାଦଶୀ ଦିନ ଦିଆଯାଏ।

ଶ୍ରୀମନ୍ଦିରର ବେଢ଼ାରେ ବିଭିନ୍ନ ସନାତନଧର୍ମୀ ଦେବତାମାନଙ୍କର ବିଗ୍ରହ ପ୍ରତିଷ୍ଠା ହୋଇ ସାକାର ଉପାସନାର ସ୍ୱୀକୃତି ଦିଆଯାଇଛି। ସନାତନ ଧର୍ମରେ ନିରାକାର ଉପାସନାର ବହୁଳ ପ୍ରଚାର ଥିଲେ ହେଁ ସାକାର ଉପାସନାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କାଷ୍ଠ ପାଷାଣ ମୃତ୍ତିକା ମଧ୍ୟରେ ଦେବତ୍ୱ ପ୍ରତିଷ୍ଠା ଓ ଜୀବନ୍ୟାସ କରି ଭାରତୀୟ ସନାତନୀମାନେ ସେମାନଙ୍କ ଆଧ୍ୟାତ୍ମିକ ଚିନ୍ତା ଚେତନାର ବିକାଶ କରି ଆସିଛନ୍ତି। ■



**ସମ୍ପାଦକ, ପୁରାଣ ପତ୍ରିକା, ନିଆଳି, ଜି-କଟକ**
**ପିନ୍-୭୫୪୦୦୪, ମୋ: ୯୯୩୭୮୪୦୩୮୭**





# ଶ୍ରୀକ୍ଷେତ୍ରରେ ଶ୍ରୀନୃସିଂହ ଉପାସନା

ପରମ ରହସ୍ୟମୟ ମହାପ୍ରଭୁ, ତାଙ୍କୁ ଆଧାର କରି ଶ୍ରୀକ୍ଷେତ୍ରର ବିବିଧ ଉପାସନା ବୈଚିତ୍ର୍ୟମୟ। ପୁରାଣ ଶାସ୍ତ୍ରାଦିରେ ଶ୍ରୀବିଷ୍ଣୁଙ୍କର ଦଶାବତାର ମଧ୍ୟରେ ବୈଦିକ ବିଧିରେ ପ୍ରଥମ ଅର୍ଚ୍ଚା ମୂର୍ତ୍ତି ଶ୍ରୀ ନୃସିଂହ। ସେହିପରି ସଂସ୍କୃତ ତ୍ରିକାଣ୍ଡ ଶେଷ ଅଭିଧାନରେ ଶ୍ରୀନୃସିଂହଙ୍କୁ ବିଷ୍ଣୁଙ୍କର ଦଶାବତାର ମଧ୍ୟରେ ଚତୁର୍ଥ ଏବଂ ପୂର୍ଣ୍ଣାବତାର ବୋଲି କୁହାଯାଇଛି। ଏତଦ୍‌ବ୍ୟତୀତ 'ଅଥର୍ବ ବେଦ'ରେ ପ୍ରଥମ ମନ୍ତ୍ରରେ ଶ୍ରୀ ନୃସିଂହଙ୍କୁ 'ଗଣଦେବତା' ରୂପେ ବନ୍ଦନା କରାଯାଇଛି।



ଡକ୍ଟର ଭାସ୍କର ମିଶ୍ର

କୁହାଯାଇଛି। ଶ୍ରୀନୃସିଂହ ଶ୍ରୀକ୍ଷେତ୍ରରେ ଆଦ୍ୟ ପ୍ରତିଷ୍ଠିତ ଏବଂ ଆଦ୍ୟ ଅର୍ଚ୍ଚିତ ଶ୍ରୀ ବିଷ୍ଣୁ ମୂର୍ତ୍ତି।

'ସ୍କନ୍ଦ ପୁରାଣ'ର ବର୍ଣ୍ଣନାନୁଯାୟୀ ନୀଳାଚଳ ପର୍ବତସ୍ଥିତ ବଟବୃକ୍ଷର ପଶ୍ଚିମ ଭାଗରେ ଅବସ୍ଥିତ ରୋହିଣୀ କୁଣ୍ଡର ଚତୁର୍ଦ୍ଦିଗରେ ପରିବେଷ୍ଟିତ ସ୍ଫଟିକ ମଣିମୟ ବେଦିରେ ଇନ୍ଦ୍ରନୀଳମଣି ଶ୍ରୀ ନୀଳମାଧବ ଗୁପ୍ତରେ ପୂଜା ପାଉଥିବା ସମୟରେ ନୀଳାଚଳ ଶିଖରରେ କୃଷ୍ଣାଗୁରୁ ବୃକ୍ଷ ତଳେ ବିପଦଭଞ୍ଜନ ବିଭୁ ଦିବ୍ୟ ନରସିଂହ ମୂର୍ତ୍ତି ବିରାଜମାନ ରହି ପୂଜା ପାଉଥିଲେ। ନୀଳମାଧବଙ୍କ ଅଦୃଶ୍ୟରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ନୀଳାଚଳ କ୍ଷେତ୍ରରେ ପ୍ରଥମେ ଏହି ନରସିଂହ ମୂର୍ତ୍ତିଙ୍କ ଦର୍ଶନ ଓ ପୂଜନ କରି ତାଙ୍କର ଶୁଭାଶୀର୍ବାଦ ଲାଭ କରିଥିଲେ।

ସୁତରାଂ ଶ୍ରୀନୀଳମାଧବ ଅନ୍ତର୍ହିତ ହୋଇଥିଲେ ମଧ୍ୟ ସର୍ବବିଘ୍ନ ନାଶକ ଶ୍ରୀନୃସିଂହ ନୀଳାଚଳରେ ବିଦ୍ୟମାନ ଅଛନ୍ତି। ଏତଦ୍‌ବ୍ୟତୀତ ଇନ୍ଦ୍ରଦ୍ୟୁମ୍ନ ମହାଦାରୁର ଆବିର୍ଭାବ ଦିବସରେ ମହୋଦଧି ତଟରେ ଅପୌରୁଷେୟ ଭାସମାନ ଦାରୁମଧ୍ୟସ୍ଥିତ ଚକ୍ର ମଧ୍ୟରେ ଶ୍ରୀନୃସିଂହଙ୍କର ରୂପ ମଧ୍ୟରେ ଶ୍ରୀଜଗନ୍ନାଥାଦିଙ୍କ ଆଦ୍ୟ ଦର୍ଶନ ଲାଭ କରିଥିବାରୁ ଶ୍ରୀ ନୃସିଂହ ପୁରୁଷୋତ୍ତମ – ଜଗନ୍ନାଥଙ୍କର ପୁରାତନ ଏବଂ ସର୍ବ ପ୍ରଥମ ସ୍ୱରୂପ। ନୀଳକଣ୍ଠ ମହାଦେବଙ୍କ ନିକଟରେ ଯଜ୍ଞ ନୃସିଂହଙ୍କୁ ସ୍ଥାପନା କରି ସହସ୍ର ଅଶ୍ୱମେଧ ଯଜ୍ଞ କରିବା ପାଇଁ ଦେବର୍ଷି ନାରଦ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ପରାମର୍ଶ ଦେବା ପରେ ଏହି ନୃସିଂହଙ୍କୁ ସ୍ଥାପନା କରାଯାଇଥିଲା, ଯେ କି ଅଦ୍ୟାବଧି ପୂଜା ପାଇ ଆସୁଛନ୍ତି।

## ପୁରାଣରେ ଶ୍ରୀନୃସିଂହ

'ନୃସିଂହ' ଶବ୍ଦର ଅର୍ଥ ହେଉଛି, "ଅଜ୍ଞତା ବିନାଶ କରି ଯେ ଆତ୍ମଜ୍ଞାନ ପ୍ରଦାନ କରିଥାନ୍ତି।" ସାଧାରଣତଃ ନୃସିଂହଙ୍କର ଦୁଇଟି ରୂପର ଆରାଧନା କରାଯାଇଥାଏ। ଗୋଟିଏ ଶାନ୍ତ ନୃସିଂହ ଅନ୍ୟଟି ଉଗ୍ର ନୃସିଂହ। ନୃସିଂହଙ୍କର ଆର୍ବିଭାବର ପ୍ରଥମ ରୂପ ହେଉଛି ଉଗ୍ର ନୃସିଂହ। ଶ୍ରୀନୃସିଂହଙ୍କୁ ସାକ୍ଷାତ ମହାବିଷ୍ଣୁ, ସେ ସର୍ବଲୋକକୁ ବ୍ୟାପିଛନ୍ତି ଏବଂ ବ୍ୟାପ୍ତ କରାଇଛନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଶ୍ରୀନୃସିଂହ ହେଉଛନ୍ତି, ସତ୍ୟ ଯୁଗର ଦେବତା। ଉତ୍କଳର ପ୍ରାତଃ ସ୍ମରଣୀୟ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସ୍ୱରଚିତ ଓଡ଼ିଆ 'ଭାଗବତ'ର ଆଦ୍ୟରେ ଉଲ୍ଲେଖ ଅଛି ଯେ -

"ନମଇଁ ନୃସିଂହ ଚରଣ।
ଅନାଦି ପରମ କାରଣ।"

ବିଦ୍ୱାନମାନେ ନର ଓ ସିଂହ ମିଶ୍ରଣରେ ନରସିଂହ ଅର୍ଥାତ୍ କ୍ଷର ଆତ୍ମା ଓ ଅକ୍ଷର ଆତ୍ମା ମିଳନର ଏକୀଭୂତ ଶକ୍ତି ବୋଲି ମତ ପ୍ରକାଶ କରିଛନ୍ତି। ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀନୃସିଂହ ଉପାସନାର ଧାରା ବହୁ ପ୍ରାଚୀନ। ଜର୍ମାନ ଗବେଷକ ଏସ୍‌ମାନ ହରମାନ୍ କୁଲ୍‌କେ ଓ ଗୟାଚରଣ ତ୍ରିପାଠୀଙ୍କ ମତରେ ଶ୍ରୀଜଗନ୍ନାଥ ପ୍ରଥମେ ନୃସିଂହ ରୂପରେ ପୂଜା ପାଉଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀନୃସିଂହଙ୍କର ତପାଚରଣ କଥା ଇନ୍ଦ୍ରାନୀଳମଣି କୌଳ ପୋଥିରେ କଣ୍ଡୁ ମହର୍ଷିଙ୍କ ମୁଖରେ

## ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରେ ନୃସିଂହ

ଶ୍ରୀମନ୍ଦିର ମଧ୍ୟରେ ଲକ୍ଷ୍ମୀ ନୃସିଂହ, ବାଡ଼ି ନୃସିଂହ, ନିଶା ନୃସିଂହ , ଅଭୟ ନୃସିଂହ , ତୋରଣ ନୃସିଂହ, ପୁରାଣ ନୃସିଂହ, ମୁକ୍ତ ନୃସିଂହ ଆଦି ପୂଜିତ ହେଉଥିବାବେଳେ ଶ୍ରୀମନ୍ଦିର ବାହାରେ ତଥା ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଯଥା ଗୁଣ୍ଡିଚା ମନ୍ଦିର ପାର୍ଶ୍ୱରେ ଯଜ୍ଞ ନୃସିଂହ, ବାରବାଟୀ ନୃସିଂହ, ସିଙ୍ଗଡ଼ା ନୃସିଂହ, ଚକ୍ର ନୃସିଂହ,ଦୀନନାଥ ନୃସିଂହ, ଅର୍କ ନୃସିଂହ, ଉଭୟମୁଖୀ ନୃସିଂହ ଆଦି ପୂଜିତ ହୋଇ ଏହି ଦିବ୍ୟ କ୍ଷେତ୍ରରେ ନୃସିଂହ ଉପାସନାକୁ ଗୁରୁତ୍ୱ ପ୍ରଦାନ କରାଯାଇଆସୁଅଛି। ସେହିପରି ଶ୍ରୀମନ୍ଦିରର ନବକଳେବର ପରମ୍ପରାରେ ବନଯାଗ, ଦାରୁ ସନ୍ଧାନ, ଦାରୁ ଛେଦନ, ଯଜ୍ଞାନୁଷ୍ଠାନ, ନ୍ୟାସ ଦାରୁ ପ୍ରତିଷ୍ଠା, ହୋମାଦି କର୍ମରେ ଶ୍ରୀନୃସିଂହଙ୍କୁ ମୁଖ୍ୟ କରି ସମସ୍ତ ନୀତି ସମ୍ପନ୍ନ ହୋଇଥାଏ। ପୂଜା, ହୋମରେ ପାତାଳ ନୃସିଂହ ମନ୍ତ୍ରରେ ଆହୁତି ପ୍ରଦାନ କରାଯାଇଥାଏ।

'ସ୍କନ୍ଦ ପୁରାଣ' ୧୬ ଅଧ୍ୟାୟସ୍ଥିତ ୬୨ ଶ୍ଲୋକର ବର୍ଣ୍ଣନାନୁଯାୟୀ, ସ୍ୱାତୀ ନକ୍ଷତ୍ର ସଂଯୁକ୍ତ, ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଶନିବାର ପ୍ରଦୋଷ ସମୟରେ ଶ୍ରୀ ନରସିଂହ କାଷ୍ଠସ୍ତମ୍ଭ ମଧ୍ୟରୁ ଆବିର୍ଭୂତ ହୋଇଥିଲେ। ଏଣୁ ଏହି ଦିନ ହିଁ ସର୍ବତ୍ର ନୃସିଂହ ଦେବଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀମନ୍ଦିରରେ ବିଧି ବିଧାନ ଅନୁଯାୟୀ ନୃସିଂହ ଜନ୍ମ ନୀତି ପାଳିତ ହୁଏ। ସେହିପରି ଚକ୍ରତୀର୍ଥଠାରେ ଚକ୍ର ନୃସିଂହଙ୍କ ନିକଟକୁ ଉକ୍ତ ଦିନ ପଟୁଆରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଜ୍ଞାମାଳ ଯାଏ।



ଶ୍ରୀକ୍ଷେତ୍ରର ଚାରି ଦିଗରେ ଶ୍ରୀନୃସିଂହଙ୍କ ଆବିର୍ଭାବ ଓ ଉପାସନା ରହିଆସିଅଛି। ଯଥା ଆଧ୍ୟାତ୍ମିକ ନଗରୀର ଦକ୍ଷିଣ ପାର୍ଶ୍ୱରେ ମହର୍ଷି କଣ୍ଡୁଙ୍କ ଆଶ୍ରମରେ କଣ୍ଡୁ ନୃସିଂହ, ଉତ୍ତରରେ ଯଜ୍ଞ ନୃସିଂହ, ପୂର୍ବଦିଗରେ ଚକ୍ର ନୃସିଂହ ଓ ପଶ୍ଚିମରେ ଉଗ୍ର ନୃସିଂହ ବିଦ୍ୟମାନ। ମାର୍ଗଶିର ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିର ଦକ୍ଷିଣୀ ଘରୁ ବିଜେ ପ୍ରତିମା ଶ୍ରୀନୃସିଂହ ବିମାନରେ ଅଧିଷ୍ଠିତ ପୂର୍ବକ ପ୍ରାଚୀନ ଚାରି ଋଷି ଆଶ୍ରମକୁ ବିଜେ କରିଥାନ୍ତି। ଶ୍ରାବଣ ଶୁକ୍ଳ ନବମୀ ଦିନ ମଧ୍ୟ ଏହି ନୃସିଂହ ନଗର ଭ୍ରମଣ ଓ ଚାରି ଆଶ୍ରମକୁ ବିଜେ ପୂର୍ବକ ପନ୍ତି ଭୋଗ, ବନ୍ଦାପନା, ବିଧି ଅନୁଷ୍ଠିତ ହୋଇଥାଏ।

# ଶ୍ରୀକ୍ଷେତ୍ରର କେତେକ ପ୍ରସିଦ୍ଧ ନୃସିଂହ ମନ୍ଦିର

ଶ୍ରୀକ୍ଷେତ୍ରରେ ଅନେକ ନୃସିଂହ ମନ୍ଦିର ରହିଛି । ସେଥିମଧ୍ୟରୁ କେତୋଟି ପ୍ରସିଦ୍ଧ ନୃସିଂହ ମନ୍ଦିର ସଂପର୍କରେ ଏଠାରେ ଆଲୋଚନା କରାଯାଇଛି ।



## ଶ୍ରୀଯଜ୍ଞ ନୃସିଂହ ମନ୍ଦିର

ଶ୍ରୀଗୁଣ୍ଡିଚା ମନ୍ଦିରର ଉତ୍ତରପୂର୍ବ କୋଣରେ ଯଜ୍ଞ ନୃସିଂହଙ୍କ ମନ୍ଦିର ଅବସ୍ଥିତ । ମନ୍ଦିରଟି ପଶ୍ଚିମାଭିମୁଖୀ ଅଟେ । ମନ୍ଦିରଟି ଗର୍ଭଗୃହ, ଜଗମୋହନ ଓ ନାଟ ମଣ୍ଡପକୁ ନେଇ ଗଠିତ । ମୁଖ୍ୟ ମନ୍ଦିର ଉଚ୍ଚତା ପ୍ରାୟ ୬୦ ଫୁଟ୍ ବିଶିଷ୍ଟ ଅଟେ । ମୁଖ୍ୟ ମନ୍ଦିରର ପାର୍ଶ୍ୱଦେବତା ରୂପେ ବରାହ, ସୂର୍ଯ୍ୟନାରାୟଣ ଓ ବାମନ ବିଦ୍ୟମାନ । ଏହି ପୁରାଣ ପ୍ରସିଦ୍ଧ ପ୍ରାଚୀନ ମନ୍ଦିରରେ ମୁଖ୍ୟ ଦେବତା ରୂପେ ଲକ୍ଷ୍ମୀ ନୃସିଂହ ବା ଶ୍ରୀଯଜ୍ଞ ନୃସିଂହ ପୂଜିତ । ୬ ଫୁଟ୍ ପ୍ରସ୍ତ ଓ ୪ ଫୁଟ୍ ବିଶିଷ୍ଟ ଉଚ୍ଚତା ନିର୍ମିତ ସିଂହାସନରେ ଚତୁର୍ଭୁଜ ବିଶିଷ୍ଟ ଲକ୍ଷ୍ମୀ ନୃସିଂହ ବିରାଜିତ । ୫ ଫୁଟ୍ ଉଚ୍ଚତା ଏହି ବିଗ୍ରହ ମଣି ବା କଳାମୁଗୁନି ପ୍ରସ୍ତରରେ ନିର୍ମିତ । ଏହି ଯଜ୍ଞ ନୃସିଂହଙ୍କ ବାମ ଜାନୁ ଉପରେ ଲକ୍ଷ୍ମୀ ଉପବେଶନ କରିଛନ୍ତି । ସୁଖାସନରେ ଉପବିଷ୍ଟ ଏହି ନୃସିଂହଙ୍କୁ ଲକ୍ଷ୍ମୀ ତାମ୍ବୂଳ ପ୍ରଦାନ କରୁଥିବା ଦୃଶ୍ୟ ଅବଲୋକନ ହୁଏ । ବିଗ୍ରହଙ୍କର ନିମ୍ନ ଦେଶରେ ଦକ୍ଷିଣ ପାର୍ଶ୍ୱରେ ଗରୁଡ଼ ଓ ବାମ ପାର୍ଶ୍ୱରେ ପ୍ରହ୍ଲାଦ ସ୍ତୁତି କରୁଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏହି ଲକ୍ଷ୍ମୀନୃସିଂହଙ୍କ ପଶ୍ଚାତ୍ ଭାଗରେ ଅନ୍ୟ ଏକ ଉଗ୍ରନୃସିଂହ ମୂର୍ତ୍ତି ଦର୍ଶନାର୍ଥୀ ଭକ୍ତମାନଙ୍କ ଅନ୍ତରାଳରେ ବିରାଜମାନ କରିଛନ୍ତି ।

ବର୍ତ୍ତମାନ ପୂଜିତ ହେଉଥିବା ଭଗବାନ ଶ୍ରୀନୃସିଂହଙ୍କର ତ୍ରିକାଳ ପୂଜାର ବ୍ୟବସ୍ଥା ପ୍ରଚଳିତ ରହିଛି । ପ୍ରତ୍ୟୁଷରୁ ଦ୍ୱାରଫିଟା, ମଙ୍ଗଳଆଳତି, ମଇଲମ, ଅବକାଶ, ବେଶ, ବଲ୍ଲଭ, ଭୋଗ, ଅନ୍ନଭୋଗ, ପହୁଡ଼, ସନ୍ଧ୍ୟା ଆଳତି, ବଡ଼ ଶୃଙ୍ଗାର ବେଶ, ଭୋଗ ଇତ୍ୟାଦି ବଢ଼ି ରାତ୍ର ପହୁଡ଼ ହୁଏ । ନୃସିଂହ ଜନ୍ମ ଉତ୍ସବ, ସପ୍ତପୁରୀ ଆମାବାସ୍ୟା, ସଂକ୍ରାନ୍ତି ହୋମ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ । ନବକଳେବର ସମୟରେ ଏହି ମନ୍ଦିର ଦେଇ ଦାରୁ ଶଗଡ଼ି ଆସିଲେ ଏକ ରାତ୍ର ମନ୍ଦିର ସମ୍ମୁଖରେ ରହିଥାଏ । କଥିତ ଅଛି ଯେ, ଯଜ୍ଞ ନୃସିଂହଙ୍କୁ ଦର୍ଶନ କଲେ ସହସ୍ର ଅଶ୍ୱମେଧ ଯଜ୍ଞର ପୁଣ୍ୟଫଳ ମିଳିଥାଏ ।



## ଚକ୍ର ନୃସିଂହ

ଚକ୍ରତୀର୍ଥରେ ତ୍ରୟୋଦଶ- ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଏକାଦିକ୍ରମେ ଅଭୟ ନୃସିଂହ, ଚକ୍ରନୃସିଂହ ଏବଂ ଲକ୍ଷ୍ମୀ ନୃସିଂହଙ୍କୁ ସ୍ଥାପନ କରାଯାଇଥିଲା । ପୌରାଣିକ ବିଶ୍ୱାସ ଅନୁସାରେ ଶ୍ରୀପୁରୁଷୋତ୍ତମ ଧାମରୁ ନୀଳମାଧବ ଅନ୍ତର୍ଦ୍ଧାନ ପରେ ଶ୍ରୀନୃସିଂହଙ୍କ ପ୍ରତିଷ୍ଠା ଚକ୍ର ଯନ୍ତ୍ର ଉପରେ ତିନିଗୋଟି ଭିନ୍ନ ଭିନ୍ନ ରୂପରେ କରାଯାଇଥିଲା । ଅଭୟ ନୃସିଂହ ଭକ୍ତଙ୍କୁ ଅଭୟ ପ୍ରଦାନ କରି ଶରଣ ରକ୍ଷକ ବାନା ବହନ କରନ୍ତି । ଚକ୍ର ନୃସିଂହ ଦୁର୍ଗା ମାଧବ ସ୍ୱରୂପରେ ଅର୍ଥାତ୍ ଏକାନଂଶା ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କ ମିଳିତ ତାନ୍ତ୍ରିକ ସ୍ୱରୂପରେ ପୂଜିତ ହୋଇଥିଲେ । ସେହିପରି ଲକ୍ଷ୍ମୀନୃସିଂହ - ଶ୍ରୀଜଗନ୍ନାଥଙ୍କ ସହ ମହାଲକ୍ଷ୍ମୀଙ୍କ ମିଳିତ ରୂପର ପ୍ରତୀକ ଅଟନ୍ତି । ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଏହି ମନ୍ଦିରରେ ନୃସିଂହ ଜନ୍ମ ବିଧି ପାଳିତ ହୁଏ । ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରୁ ଏହିଦିନ ପୂଜାପଣ୍ଡା ସେବକ ଆଜ୍ଞାମାଳ ଆଣି ଏଠାରେ ପ୍ରଦାନ କରିଥାନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ଏଠାରେ ନୃସିଂହ ହିଁ ଜଗନ୍ନାଥଙ୍କ ସ୍ଥାନରେ ପୂଜା ପାଇଥାନ୍ତି ।

ଚକ୍ରନୃସିଂହ ଚତୁର୍ଭୁଜ ବିଶିଷ୍ଟ ଅଟନ୍ତି । ତାଙ୍କର ଉପର ଦୁଇ ହସ୍ତରେ ଶଙ୍ଖ ଓ ଚକ୍ର ଏବଂ ନିମ୍ନ ଦୁଇ ହସ୍ତ ଅଭୟ ବରଦା ମୁଦ୍ରାରେ ପରିଶୋଭିତ । ଏହି ମୂର୍ତ୍ତି ମଧ ପଦ୍ମାସନା । ସମ୍ମୁଖ ଭାଗରେ ଗରୁଡ଼ ଯୋଡ଼ ହସ୍ତରେ ବିରାଜିତ । ଚକ୍ର ନୃସିଂହ ମନ୍ଦିରକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଚକ୍ର ତୀର୍ଥ ନୃସିଂହ ଉପାସନାର ଏକ ପ୍ରମୁଖ ପୀଠ । ଉତ୍ତରାଭିମୁଖୀ ମନ୍ଦିରଟିର ଉଚ୍ଚତା ପ୍ରାୟ ୧୦ ମିଟର । ଏହାର କାରୁକାର୍ଯ୍ୟ ଓ ନିର୍ମାଣ ଶୈଳୀରୁ ଜଣାପଡ଼େ ଯେ, ଏହି ମନ୍ଦିରଟି ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ନିର୍ମାଣ କରାଯାଇଥିଲା । ଏହି ମନ୍ଦିରରେ ଥିବା ତିନୋଟି ବିଗ୍ରହ ଚକ୍ରନୃସିଂହ, ଲକ୍ଷ୍ମୀ ନୃସିଂହ ଓ ଅଭୟ ନୃସିଂହ ବିଷ୍ଣୁ ଉପାସନାର ପ୍ରଧାନ ଉପାଦାନ । ସଂପ୍ରତି ପୁରୀରେ ଥିବା ୨୩୯ଟି ବିଭିନ୍ନ ମନ୍ଦିର, ମଠ ଓ ଐତିହ୍ୟ ସଂପନ୍ନ ଆଧ୍ୟାତ୍ମିକ ସ୍ଥାନ ରହିଥିବା ବେଳେ ଏଥି ମଧ୍ୟରୁ କେବଳ ନୃସିଂହ ଉପାସନାର ୮ ଟି ମନ୍ଦିର ରହିଛି ।



## ମୁକ୍ତ ନୃସିଂହ

ଶ୍ରୀମନ୍ଦିର ଭିତର ବେଢ଼ାସ୍ଥିତ ମୁକ୍ତି ମଣ୍ଡପର ପଶ୍ଚିମକୁ ଶ୍ରୀ ନୃସିଂହ ମନ୍ଦିର ଅବସ୍ଥିତ । ମନ୍ଦିରର ମୁଖ୍ୟ ଦ୍ୱାର ପୂର୍ବ ଦିଗକୁ ରହିଅଛି । କଥିତ ଅଛି, ଚୋଡ଼ଗଙ୍ଗ ଦେବ ପରିଦୃଶ୍ୟମାନ ମୁଖ୍ୟ ମନ୍ଦିରର ନିର୍ମାଣ କରିବା ପୂର୍ବରୁ ଏହି ନୃସିଂହଦେବ ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ପ୍ରତିଷ୍ଠିତ ପୂର୍ବକ ଆରାଧିତ ହୋଇଆସୁଛନ୍ତି । ବିଗ୍ରହଙ୍କର ଉଚ୍ଚତା ପ୍ରାୟ ଦେଢ଼ ଫୁଟ୍ ଅଟେ । ପ୍ରାୟ ୫୮ ଫୁଟ୍ ଉଚ୍ଚତା ବିଶିଷ୍ଟ ନୃସିଂହ ମନ୍ଦିରଟି ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ବର୍ଣ୍ଣିତ ପ୍ଲଟ ନଂ-୮୧ ରେ ରହିଅଛି । ଶ୍ରୀମନ୍ଦିରର ପତି ମହାପାତ୍ର ସେବକ ଏହି ଠାକୁରଙ୍କ ସେବା ପୂଜା ଦାୟିତ୍ୱରେ ରହିଛନ୍ତି । ମନ୍ଦିରର ପତି ମହାପାତ୍ର ସେବକ ଏହି ଠାକୁରଙ୍କ ସେବା ପୂଜା ଦାୟିତ୍ୱରେ ରହିଛନ୍ତି । ମନ୍ଦିରର ଦ୍ୱାର ଦେଶରେ ଦ୍ୱାଦଶ ଶତାବ୍ଦୀ ସମୟର କେତେକ ଶିଳାଲେଖକୁ ୧୯୮୪ ମସିହାରେ ପଦ୍ମଶ୍ରୀ ସତ୍ୟ ନାରାୟଣ ରାଜଗୁରୁ ପାଠୋଦ୍ଧାର କରିଥିବା ଜଣାଯାଏ । ଏହି ମନ୍ଦିର ସମ୍ମୁଖରେ ନୃସିଂହ ଜନ୍ମୋତ୍ସବ ନୀତିପାଳିତ ହୋଇଥାଏ ।

ଶ୍ରୀକ୍ଷେତ୍ରର କେତେକ ମଠାନୁଷ୍ଠାନ ଓ ଜାଗାଆଖଡ଼ାର ମୁଖ୍ୟ ଇଷ୍ଟ ବିଗ୍ରହ ହେଉଛନ୍ତି ଶ୍ରୀ ନୃସିଂହ । ଦାସଗୋବା ତାମ୍ର ଶାସନରୁ ଶ୍ରୀଲକ୍ଷ୍ମୀ ନୃସିଂହ ଗଙ୍ଗବଂଶର ଇଷ୍ଟ ଦେବତା ଥିବାର ଜଣାଯାଏ । ଏହି ନୃସିଂହଙ୍କୁ ବିଭିନ୍ନ ନାମରେ ସମ୍ବୋଧିତ ପୂର୍ବକ ନିତ୍ୟ ଉପାସିତ ହୋଇଆସୁଛନ୍ତି । ଏପରିକି ଶ୍ରୀମନ୍ଦିରରେ ଆଦ୍ୟ ନୃସିଂହଙ୍କ ବ୍ୟତୀତ ମୁଖ୍ୟ ମନ୍ଦିର ସଂଲଗ୍ନ ଦେବତା ରୂପେ ଉଗ୍ର ନୃସିଂହ (ନିଶା ନୃସିଂହ) ଦକ୍ଷିଣଦ୍ୱାର ବାହାର ବେଢ଼ାସ୍ଥିତ ସ୍ୱତନ୍ତ୍ର ନୃସିଂହ ମନ୍ଦିର (ପୁରାଣ ନୃସିଂହ) ଗୁମୁଟ, ଭୋଗମଣ୍ଡପ ମନ୍ଦିର ଗାତ୍ରରେ, ଦକ୍ଷିଣି ଘରେ ଏବଂ ଉଭୟ ଭିତର ଓ ବାହାର ବେଢ଼ାରେ କେତେକ ନୃସିଂହ ବିଗ୍ରହମାନ ଅଧିଷ୍ଠିତ ହୋଇ ନିତ୍ୟ ପୂଜା ପାଇଆସୁଛନ୍ତି । ଏହିପରି ଭାବେ ଶ୍ରୀକ୍ଷେତ୍ର ତଥା ଶ୍ରୀମନ୍ଦିରର ସେବାପୂଜା, ଉତ୍ସବାଦି ଓ ନବକଳେବର ବିଧିରେ ଶ୍ରୀନୃସିଂହ ଉପାସନାର ପ୍ରାଧାନ୍ୟ ଏଠାରେ ଭାବେ ପ୍ରଭାବିତ ହୋଇଛି ଯେ, ନୃସିଂହ ତତ୍ତ୍ୱ ପୁରୁଷୋତ୍ତମ ଚେତନାକୁ ଉଦ୍‌ବୁଦ୍ଧ କରିଛି । ■

ଶ୍ରୀଜଗନ୍ନାଥ ଧାମ, ପୁରୀ, ମୋ: ୯୪୩୭୨୮୧୧୦୨



# ଶ୍ରୀକ୍ଷେତ୍ରରେ ଅଷ୍ଟଶମ୍ଭୁ



ଦେବୀ ପ୍ରସନ୍ନ ନନ୍ଦ

ଶ୍ରୀମନ୍ଦିର ରତ୍ନବେଦୀରେ ଉପବିଷ୍ଟ ଚତୁର୍ଦ୍ଧାମୂର୍ତ୍ତିଙ୍କୁ କେନ୍ଦ୍ରକରି ପରିକଳ୍ପିତ ଶଙ୍ଖକ୍ଷେତ୍ର। ଉକ୍ତ ବୈଷ୍ଣବ କ୍ଷେତ୍ରର ଆୟତନ ପାଞ୍ଚକ୍ରୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାର ତିନିକ୍ରୋଶ ଭୂଭାଗ ଏବଂ ଦୁଇକ୍ରୋଶ ଜଳଭାଗ ସାଗରରେ ରହିଥିବାରୁ ଉକ୍ତ ଅଂଶ ମହୋଦଧି ନାମରେ ଚିହ୍ନିତ। ଶଙ୍ଖନାଭିମଣ୍ଡଳର ତିନୋଟି ଆବରଣ ରହିଛି। ଏହି ଆବରଣଗୁଡ଼ିକରେ ବିଭିନ୍ନ ଦେବଦେବୀଙ୍କ ପ୍ରାଚୀନ ପୀଠମାନ ପ୍ରତିଷ୍ଠିତ ହୋଇ ମହାପ୍ରଭୁଙ୍କୁ ସୁରକ୍ଷା ଦେବା ସହ କ୍ଷେତ୍ରର ସାମଗ୍ରିକ ଆଧ୍ୟାତ୍ମିକ ମର୍ଯ୍ୟାଦା ବୃଦ୍ଧି କରୁଛନ୍ତି। ଆବରଣ ତ୍ରୟରେ ବିସ୍ତାରିତ ହୋଇ ରହିଛନ୍ତି ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ। ଏମାନଙ୍କ ବ୍ୟତୀତ ଆହୁରି ଅନେକ ଦେବଦେବୀ ଯଥା ନୃସିଂହ, ଗଣେଶ ଓ ହନୁମାନଙ୍କ ମନ୍ଦିର ମଧ୍ୟ କ୍ଷେତ୍ରର ବିଭିନ୍ନ ସ୍ଥାନରେ ରହିଅଛି। ତେବେ ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀଙ୍କ ଅବସ୍ଥିତି ଶାସ୍ତ୍ରସମ୍ମତ। 'ବାମଦେବ ସଂହିତା'ର ଦ୍ୱିତୀୟାଧ୍ୟାୟରେ ବର୍ଣ୍ଣିତ ଶଙ୍ଖକ୍ଷେତ୍ର ବିଷୟରେ କୁହାଯାଇଛି :

'ତସ୍ୟ ଦକ୍ଷିଣପାଶ୍ୱେର୍‌ଽପ୍ୟଲାବୁକେଶ୍ୱର ଈରିତଃ।
ଭବିଷ୍ୟତି ନୃପଶ୍ରେଷ୍ଠ ଜନାନାଂ କାମଦୋ ଭବେତ୍। ୨୮।
'ବଟେଶୋ ବଟମୂଳେ ତୁ କ୍ଷେତ୍ରପାଳୋ ଯମେଶ୍ୱରଃ।'
ଈଶାନୋ ନୀଳକଣ୍ଠଃ ସ୍ୟାନ୍ମାର୍କଣ୍ଡେୟଶ୍ଚ ବିଲ୍ୱକଃ। ୩୬।'

ଅର୍ଥାତ୍ ଶ୍ରୀମନ୍ଦିରର ପଶ୍ଚିମ ପାର୍ଶ୍ୱସ୍ଥିତ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଭାବେ ପ୍ରତିଷ୍ଠିତ ଶ୍ରୀଲୋକନାଥ, ବଟବୃକ୍ଷ ମୂଳେ ଶ୍ରୀବଟେଶ୍ୱର, ମହାପ୍ରଭୁଙ୍କ ହିସାବ ରକ୍ଷକ ଶ୍ରୀଯମେଶ୍ୱର, ଐଶାନ୍ୟକୋଣରେ କୂର୍ମବେଢ଼ା ସଂଲଗ୍ନ ଶ୍ରୀଈଶାନେଶ୍ୱର, ପବିତ୍ର ପୁଷ୍କରିଣୀ ଇନ୍ଦ୍ରଦ୍ୟୁମ୍ନ ତଟରେ ପୂଜିତ ଶ୍ରୀନୀଳକଣ୍ଠେଶ୍ୱର, ମାର୍କଣ୍ଡ ପୁଷ୍କରିଣୀ ନିକଟରେ ପ୍ରତିଷ୍ଠିତ ଶ୍ରୀମାର୍କଣ୍ଡେଶ୍ୱର ଓ ଶଙ୍ଖକ୍ଷେତ୍ରର ଅନ୍ତିମ ବିନ୍ଦୁରେ ଅଧିଷ୍ଠିତ ଶ୍ରୀବିଲ୍ୱେଶ୍ୱର ରହିଛନ୍ତି। ଅନ୍ୟ ଏକ ଶ୍ଳୋକରେ ଶ୍ରୀକପାଳମୋଚନଙ୍କ ବିଷୟରେ ଉଲ୍ଲେଖ କରାଯାଇଛି। ଯଥା:

'କପାଳମୋଚନୋ ନାମ ଲିଙ୍ଗାନ୍ୟଷ୍ଟୌ ମହେଶିତୁଃ।
ରୁଦ୍ରାଣୀ ବଟମୂଳେ ତୁ ମଙ୍ଗଳା ବିମଳା ତଥା। ୩୭।'

ଅର୍ଥାତ୍ ଶ୍ରୀମନ୍ଦରର ନୈଋତ୍ୟ କୋଣରେ ଶ୍ରୀକପାଳମୋଚନଙ୍କ ସମେତ ଅଷ୍ଟଲିଙ୍ଗ ରୂପରେ ମହେଶ ବିରାଜମାନ କରିଛନ୍ତି। ଅତଏବ ଉକ୍ତ ଶୈବ ପୀଠଗୁଡ଼ିକର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ଅଭେଦ ସମ୍ପର୍କ ରହିଅଛି। ବାୟୁ ଓ ଆକାଶ ଭଳି ରୁଦ୍ର ଓ ବିଷ୍ଣୁଙ୍କ ମଧ୍ୟରେ ଅନ୍ତର ନାହିଁ।

ଅଷ୍ଟମହାଦେବଙ୍କ ମଧ୍ୟରୁ ପାଞ୍ଚ ମୂର୍ତ୍ତିଙ୍କୁ ପଞ୍ଚପାଣ୍ଡବ ରୂପରେ ଗ୍ରହଣ କରାଯାଇଛି। ଏମାନେ - ଶ୍ରୀଯମେଶ୍ୱର- ବରିଷ୍ଠ ପାଣ୍ଡବ ଯୁଧିଷ୍ଠିର, ଶ୍ରୀଲୋକନାଥଙ୍କୁ ଭୀମ (ମତାନ୍ତରେ ଅର୍ଜୁନ), ଶ୍ରୀମାର୍କଣ୍ଡେରଙ୍କୁ ଅର୍ଜୁନ (ମତାନ୍ତରେ ଭୀମ), ଶ୍ରୀକପାଳମୋଚନଙ୍କୁ ନକୁଳ ଓ ଶ୍ରୀନୀଳକଣ୍ଠଙ୍କୁ ସହଦେବ ରୂପେ ଅଭିହିତ କରାଯାଇଛି। ଉକ୍ତ ପଞ୍ଚପାଣ୍ଡବ ପୃଥକ ପୃଥକ ଭାବରେ ଶ୍ରୀମନ୍ଦିର ରୀତିନୀତି ସହିତ ଜଡ଼ିତ ଥିଲେ ହେଁ ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା ଏବଂ ଶିବ ବିବାହୋତ୍ସବ, ଶୀତଳଷଷ୍ଠୀ ଭଳି ବିଶେଷପର୍ବରେ ସାମୂହିକ ଭାବରେ ଯୋଗଦାନ କରିଥାଆନ୍ତି। ଅନ୍ୟ ତିନି ମହାଦେବ ଯଥା ଶ୍ରୀବଟେଶ୍ୱେର, ଶ୍ରୀଐଶାନେଶ୍ୱର ଓ ଶ୍ରୀବିଲ୍ୱେଶ୍ୱର ସ୍ୱ ସ୍ୱ ଆସ୍ଥାନରେ ପୂଜା ପାଇ ମହାପ୍ରଭୁଙ୍କ ସହ ପରୋକ୍ଷ ସଂପର୍କ ସ୍ଥାପନ କରିଛନ୍ତି।

## ଶ୍ରୀଯମେଶ୍ୱର

ଶ୍ରୀମନ୍ଦିରର ନୈଋତ କୋଣରେ କଣ୍ଡୁମୁନିଙ୍କ ଆଶ୍ରମ ନିକଟରେ ଯମନିକ ତୀର୍ଥରେ ଶ୍ରୀଯମେଶ୍ୱରଙ୍କ ମନ୍ଦିର ଅବସ୍ଥିତ। ପ୍ରଭୁ ଯମେଶ୍ୱର ହରିହରାତ୍ମକ ହିରଣ୍ୟଗର୍ଭ ଲିଙ୍ଗ ସ୍ୱରୂପ ଅଟନ୍ତି। ମନ୍ଦିରଟି ବିମାନ, ଜଗମୋହନ, ନାଟମଣ୍ଡପ ଓ ଭୋଗମଣ୍ଡପ ସହିତ ପୂର୍ଣ୍ଣାଙ୍ଗ ହୋଇଛି। ସମ୍ମୁଖରେ ବାହନ ଗରୁଡ଼ ଓ ବୃଷଭ ଏକତ୍ର ରହିଛନ୍ତି। ନାଟମଣ୍ଡପରେ ସ୍ଥିତ ହରିହର ବିଗ୍ରହରେ ହରି ଓ ହରଙ୍କ ସ୍ୱରୂପ ତାତ୍ପର୍ଯ୍ୟପୂର୍ଣ୍ଣ ଭାବେ ପ୍ରକଟିତ। ଏହାଙ୍କ ବାମଭାଗରେ ହରି ବା ବିଷ୍ଣୁ ତଥା ଦକ୍ଷିଣଭାଗରେ ହର ବା ଶିବଙ୍କ ପ୍ରତିରୂପ ଦର୍ଶିତ ହୋଇଛି ଅର୍ଥାତ୍ ବାମପାର୍ଶ୍ୱ ଊର୍ଦ୍ଧ୍ୱ ହସ୍ତରେ ଚକ୍ର ଧାରଣ କରିଥିବାବେଳେ ଦକ୍ଷିଣପାର୍ଶ୍ୱ ଉପର ହସ୍ତରେ ତ୍ରିଶୂଳ ଓ ତଳହସ୍ତରେ ଡମ୍ବରୁ ଶୋଭିତ। ବାମଜାନୁରେ ଲକ୍ଷ୍ମୀ ଓ ଦକ୍ଷିଣ ଜାନୁରେ ପାର୍ବତୀ ଉପବିଷ୍ଟ ଅଟନ୍ତି। ହରିଙ୍କ ନିମ୍ନ ଦେଶରେ ଗରୁଡ଼ ତଥା ହରଙ୍କ ନିମ୍ନ ଦେଶରେ ବୃଷଭ ଶୋଭା ପାଉଛନ୍ତି। ମୃତ୍ୟୁର ଦେବତା ଯମଙ୍କ ଶକ୍ତିକୁ ନିୟନ୍ତ୍ରଣ କରିପାରନ୍ତି ବୋଲି ଏହି ଶିବଙ୍କ ନାମ ଯମେଶ୍ୱର। ସେ ହେଉଛନ୍ତି ଯମଙ୍କ ଉପାସିତ ଦେବତା। ବିମାନର ବାମପାର୍ଶ୍ୱରେ ପାର୍ବତୀ, ପଶ୍ଚିମ ପାର୍ଶ୍ୱରେ କାର୍ତ୍ତିକ ଓ ଦକ୍ଷିଣ ପାର୍ଶ୍ୱରେ ଶ୍ରୀଗଣେଶ ପୂଜିତ। ଶ୍ରୀଯମେଶ୍ୱରଙ୍କ ମନ୍ଦିର ଭୂମିଠାରୁ ପଚିଶ ଫୁଟ ନିମ୍ନରେ ଅବସ୍ଥିତ।

ଏହି ମନ୍ଦିରରେ ପାଳିତ ପର୍ବମାନଙ୍କ ମଧ୍ୟରେ ଶିବରାତ୍ରୀ, ଶୀତଳ ଷଷ୍ଠୀ ଓ ଯମ ଦ୍ୱିତୀୟା (ଭାତୃଦ୍ୱିତୀୟା) ଆଦି ଅନ୍ୟତମ। ଏହି ପର୍ବ ଅବସରରେ ଏଠାରେ ବିପୁଳ ଭକ୍ତସମାଗମ ହୁଏ। ଶୀତଳ ଷଷ୍ଠୀରେ ଗୁଆଲି ଅବସରରେ ଅନ୍ୟ ମହାଦେବଙ୍କ ଭଳି ବୃଷଭ ଭିନ୍ନ ରଥ ସଦୃଶ ବିମାନରେ ନଗର ଭ୍ରମଣ କରିଥାଆନ୍ତି। ରାଜରାଜେଶ୍ୱର ଶ୍ରୀଜଗନ୍ନାଥଙ୍କର ଜମିଜମାର ହିସାବ ଲିଖନ ଦାୟିତ୍ୱ ଶ୍ରୀଯମେଶ୍ୱର ମହାଦେବ ତୁଲାଇ ଥାଆନ୍ତି। ରାଧାଷ୍ଟମୀ ତିଥିରେ ମହାପ୍ରଭୁଙ୍କ ପ୍ରତିନିଧି ସ୍ୱରୂପ ଶ୍ରୀସୁଦର୍ଶନ ବିଜେ କଲେ ଯମେଶ୍ୱରଙ୍କ ଜଣେ ପ୍ରତିନିଧି ଆୟବ୍ୟୟ ତଥ୍ୟ ସମ୍ବଳିତ ପୋଥି ପାଠ କରି ଶୁଣାଇ ଥାଆନ୍ତି। ପ୍ରତି ଅମାବାସ୍ୟା ତିଥିରେ ନାରାୟଣ ସାଗର ବିଜେ କରି ପ୍ରତ୍ୟାବର୍ତ୍ତନ ସମୟରେ ଯମେଶ୍ୱରଙ୍କ ଭିତର ଗମ୍ଭିରାରେ ବିଜେ କରନ୍ତି। ସେଠାରେ ପାରମ୍ପରିକ ନୀତି ପରେ ଶ୍ରୀମନ୍ଦିରକୁ ପାଲିଙ୍କିରେ ବାହୁଡ଼ା ବିଜେ ହୋଇଥାଏ। ଉପରୋକ୍ତ ସ୍ୱତନ୍ତ୍ର ନୀତି ମହାପ୍ରଭୁଙ୍କ ସହିତ ଶ୍ରୀଯମେଶ୍ୱରଙ୍କର ସୁସଂପର୍କ ପ୍ରମାଣିତ କରେ।





## ଶ୍ରୀଲୋକନାଥ

ଶ୍ରୀମନ୍ଦିରର ପଶ୍ଚିମରେ ପରିକଳ୍ପିତ ଶଙ୍ଖକ୍ଷେତ୍ରର ପୁରୋଭାଗରେ ଅବସ୍ଥିତ ଶ୍ରୀଲୋକନାଥଙ୍କ ପ୍ରାଚୀନ ମନ୍ଦିର। ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ଭାବରେ ଶ୍ରୀଲୋକନାଥଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭୂମିପତ୍ତନଠାରୁ ପ୍ରାୟ ଦଶଫୁଟ ନିମ୍ନରେ ଅବସ୍ଥିତ ମନ୍ଦିର ପରିସର ଏବଂ ତହିଁର ନିମ୍ନରେ ରହିଛି ପାର୍ବତୀ ସାଗର ନାମକ ପବିତ୍ର ଜଳାଶୟ। ଶ୍ରୀମନ୍ଦିରଠାରୁ ପ୍ରାୟ ଦେଢ଼ କୋଶ ଦୂରରେ ନିର୍ଜନ ବାଲୁବନ୍ତ ତଥା ସବୁଜିମା ଘେରା ପରିବେଶରେ ଆଦିଯୋଗୀ ଶିବଙ୍କ ଆସ୍ଥାନ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ମନ୍ଦିର ପରିସରର ପତ୍ତନଠାରୁ ଆହୁରି ନିମ୍ନରେ ଶ୍ରୀଲୋକନାଥଙ୍କ ଶିବଲିଙ୍ଗ ପୂଜିତ। ମନ୍ଦିର ଗମ୍ଭିରା ସର୍ବଦା ଜଳମଗ୍ନ ଥାଏ। ଶିବରାତ୍ରୀ ପୂର୍ବରୁ ଫାଲଗୁନ କୃଷ୍ଣ ଏକାଦଶୀ (ପଙ୍କଓଜଳା ଏକାଦଶୀ) ଦିନ ଗମ୍ଭିରାରୁ ଜଳ ନିଷ୍କାସନ କରାଯାଏ। ଏଣୁ ସେହି ଦିନ ଶିବଲିଙ୍ଗଙ୍କ ଦର୍ଶନ ସମ୍ଭବ ହୋଇଥାଏ। ତ୍ରିଶିଙ୍ଘ ବୃଷଭ ଏହାଙ୍କ ବାହନ ଯାହାର ତିନିପାଦ ଗୁପ୍ତ ଏବଂ ଏକ ପାଦ ପ୍ରକଟିତ। ଶ୍ରୀଲୋକନାଥ ମନ୍ଦିରରେ ପାଳିତ ପର୍ବମାନଙ୍କ ମଧ୍ୟରେ ଶିବରାତ୍ରୀ ବା ଜାଗର, ଶୀତଳ ଷଷ୍ଠୀ ବା ଶିବ ବିବାହ, ବୈଶାଖ ମାସ ଶେଷ ସୋମବାର ବା ସରନ୍ତି ସୋମବାର ଆଦି ଅନ୍ୟତମ। ଯେକୌଣସି ଏକାଦଶୀ ସୋମବାର ପଡ଼ିଲେ ସେ ଦିନଟିକୁ ଶମ୍ଭୁ ଏକାଦଶୀ ଭାବରେ ସ୍ୱତନ୍ତ୍ର ନୀତି ସହ ପାଳନ କରାଯାଇଥାଏ। ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଏକବିଂଶ ଦିନାତ୍ମକ ଚନ୍ଦନ ଯାତ୍ରାରେ ନିଜସ୍ୱ ବିମାନରେ ପଟୁଆରରେ ଯୋଗ ଦେଇଥାନ୍ତି ଏବଂ ଶୀତଳ ଷଷ୍ଠୀ ଉପଲକ୍ଷେ କାଷ୍ଠ ନିର୍ମିତ ବୃଷଭରେ ପାର୍ବତୀଙ୍କ ସହ ନଗର ଭ୍ରମଣ କରନ୍ତି।

ଶ୍ରୀମନ୍ଦିର ଭଳି ଏଠାରେ ମଧ୍ୟ ସ୍ୱତନ୍ତ୍ର ରୋଷଘର ରହିଛି। ନିତ୍ୟ ନୈମିତ୍ତିକ ନୀତି ସହିତ ବଲ୍ଲଭରେ ଶୀତଳ ଭୋଗ ଏବଂ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପରେ ଶଙ୍ଖୁଡ଼ି ସହିତ ବିଭିନ୍ନ ପିଠାଆଦି ଭୋଗ କରାଯାଇଥାଏ। ଶ୍ରୀଲୋକନାଥଙ୍କ ସେବକମାନଙ୍କ ସାଙ୍ଗିଆ ପଣ୍ଡା ଓ ମହାପାତ୍ର। ପୂର୍ବେ ଉକ୍ତ ମନ୍ଦିରର ପରିଚାଳନା ଦାୟିତ୍ୱ ଶଙ୍କରାନନ୍ଦ ମଠ ଉପରେ ନ୍ୟସ୍ତ ଥିଲା। ପରବର୍ତ୍ତୀ କାଳରେ ଓଡ଼ିଆ ଦେବତ୍ତୋର କମିଶନରଙ୍କ ଦ୍ୱାରା ଗଠିତ ଟ୍ରଷ୍ଟ ଦ୍ୱାରା ପରିଚାଳନା କରାଯାଉଛି।





## କପାଳମୋଚନ

ଶ୍ରୀମନ୍ଦିରର ଅନତିଦୂରରେ ନୈଋତ କୋଣରେ କପାଳମୋଚନ ବା ମଣିକର୍ଣ୍ଣିକା ପୀଠ ରହିଛି, କପାଳମୋଚନ ଶିବଙ୍କୁ ମଣିକର୍ଣ୍ଣିକେଶ୍ୱର ମହାଦେବ ରୂପେ ଅଭିହିତ କରାଯାଏ। ମନ୍ଦିରର ପରିସର ଭୂମିପତନଠାରୁ ପ୍ରାୟ ପଚିଶ ଫୁଟ ତଳେ ରହିଅଛି। ଏହି ନିମ୍ନ ଅବସ୍ଥିତି ମନ୍ଦିରର ପ୍ରାଚୀନତା ପ୍ରମାଣ କରେ। ଏଥି ସକାଶେ ଉକ୍ତ ଦେବସ୍ଥାନଟିରେ ବର୍ଷାଜଳର ଅଧିକ ପ୍ଲାବନଜନିତ ଦୁର୍ଦ୍ଦଶା ଅନୁଭୂତ ହୁଏ। ଏହି ମନ୍ଦିରରେ ଥିବା ବିଷ୍ଣୁ ଓ ଦକ୍ଷିଣାବର୍ତ୍ତ ଗଣେଶଙ୍କ ବିଗ୍ରହ ଇତ୍ୟାଦିର ଭାସ୍କର୍ଯ୍ୟ ଅନୁଧ୍ୟାନ କଲେ ଏହା ସୋମବଂଶ ରାଜତ୍ୱ କାଳର ବୋଲି ଅନୁମାନ କରାଯାଏ। ପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟ ଅନୁସାରେ - ଏକଦା ମହାଦେବ କ୍ରୋଧାନ୍ୱିତ ହୋଇ ବ୍ରହ୍ମାଙ୍କ ପଞ୍ଚମ ମସ୍ତକ ଛେଦନ କରି ସେହି ମସ୍ତକ ସହିତ ବ୍ରହ୍ମାଣ୍ଡ ଭ୍ରମଣ କରି ଶେଷରେ ଶଙ୍ଖକ୍ଷେତ୍ରର ଦ୍ୱିତୀୟ ଆବର୍ତ୍ତରେସ୍ଥିତ ଏହି ମଣିକର୍ଣ୍ଣିକା ତୀର୍ଥସ୍ଥଳରେ ପରିତ୍ୟାଗ କରିଥିଲେ। ଏଠାରେ ବ୍ରହ୍ମକପାଳମୋଚନ ହେତୁ ସେହି ନାମରେ ଶିବ ସ୍ୱୟଂ ପ୍ରତିଷ୍ଠିତ ହୋଇଛନ୍ତି। ଶିବବିବାହ, ଗଣେଶ ପୂଜା, ପଣାସଂକ୍ରାନ୍ତି ଆଦି ଉତ୍ସବ ଏଠାରେ ମହାସମାରୋହରେ ଅନୁଷ୍ଠିତ ହୁଏ। ଚନ୍ଦନ ଯାତ୍ରାରେ ପଞ୍ଚପାଣ୍ଡବଙ୍କ ମଧ୍ୟରେ କପାଳମୋଚନ ସାମିଲ ହୁଅନ୍ତି।





## ଶ୍ରୀମାର୍କଣ୍ଡେଶ୍ୱର

ଶ୍ରୀମନ୍ଦିର ବାୟୁକୋଣରେ ପ୍ରାଚୀନ ମାର୍କଣ୍ଡେୟ ପୁଷ୍କରିଣୀ ତଟରେ ମହର୍ଷି ମାର୍କଣ୍ଡେୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀମାର୍କଣ୍ଡେଶ୍ୱରଙ୍କ ମନ୍ଦିର। ଶ୍ରୀକ୍ଷେତ୍ରର ପ୍ରାଚୀନ ଚାରି ଆଶ୍ରମ ମଧ୍ୟରେ ମାର୍କଣ୍ଡେୟ ଆଶ୍ରମ ଅନ୍ୟତମ। କଳିଙ୍ଗ ଶୈଳୀରେ ନିର୍ମିତ ଏହି ମନ୍ଦିର ଗର୍ଭଗୃହ, ଜଗମୋହନ ଏବଂ ନାଟମନ୍ଦିର ଏଭଳି ତିନିଭାଗରେ ନିର୍ମିତ। ଗମ୍ଭିରାରେ ଅଘୋର ଶିବ ମାର୍କଣ୍ଡେଶ୍ୱରଙ୍କ ଲିଙ୍ଗ ପୂଜିତ। ଏହାଙ୍କଠାରୁ ମୃତ୍ୟୁଞ୍ଜୟ ଶିବ ଆବିର୍ଭୂତ ହୋଇ ଯମପାଶରୁ ଶରଣାଗତ ମାର୍କଣ୍ଡେୟଙ୍କୁ ରକ୍ଷା କରିଥିଲେ। ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରେ ଏହି କ୍ଷେତ୍ର ଅନ୍ୟତମ। ପୁଷ୍କରିଣୀ ସଂଲଗ୍ନ ଅଞ୍ଚଳରେ ସ୍ଥିତ ଗହ୍ମାବେଦୀରେ ଶ୍ରାବଣ ପୂର୍ଣ୍ଣିମାରେ ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହୁଏ। ଏଠାରେ ଥିବା ବୋଇତି ଦେଉଳ ବା କାଳୀୟଦଳନ ମଣ୍ଡପରେ ଭାଦ୍ରବ କୃଷ୍ଣ ଏକାଦଶୀରେ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ମଦନମୋହନ ଓ ରାମକୃଷ୍ଣ କାଳୀୟଦଳନ ଲୀଳା ଉପଲକ୍ଷେ ବିରାଜମାନ କରନ୍ତି। ଋଷି ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରୁ ଶ୍ରୀଦେବୀ ବା ଲକ୍ଷ୍ମୀ ଋଷିପଞ୍ଚମୀ କୃତ୍ୟ ଶୁଣିବାକୁ ମାର୍କଣ୍ଡେଶ୍ୱରଙ୍କ ନିକଟକୁ ବିଜେ କରନ୍ତି। ପୁଷ୍କରିଣୀ ସଂଲଗ୍ନ ଅଞ୍ଚଳରେ ଆହୁରି କେତେଗୋଟି ମନ୍ଦିର ମଧ୍ୟରେ ସ୍ଥିତ ସପ୍ତମାତୃକା ପୀଠ ଅନ୍ୟତମ। ମାର୍କଣ୍ଡେଶ୍ୱରଙ୍କ ବଡ଼ ପର୍ବ ମଧ୍ୟରେ ଜାଗର, ଅଶୋକାଷ୍ଟମୀ ଓ ଶୀତଳଷଷ୍ଠୀ ଇତ୍ୟାଦି ଅବସରରେ ବହୁ ଭକ୍ତ ସମାଗମ ହୋଇଥାଏ।





## ଶ୍ରୀନୀଳକଣ୍ଠେଶ୍ୱର

ଶ୍ରୀକ୍ଷେତ୍ରର ପଞ୍ଚମ ତୀର୍ଥ ଇନ୍ଦ୍ରଦ୍ୟୁମ୍ନ ସରୋବର ତୀରରେ ଶ୍ରୀନୀଳକଣ୍ଠେଶ୍ୱରଙ୍କ ମନ୍ଦିର ଶ୍ରୀମନ୍ଦିରଠାରୁ ପ୍ରାୟ ତିନି କିଲୋମିଟର ଦୂରରେ ଅବସ୍ଥିତ। ପାରମ୍ପରିକ ଶୈଳୀରେ ନିର୍ମିତ ପୂର୍ବାଭିମୁଖୀ ନାତ୍ୟୁଚ୍ଚ ମନ୍ଦିରଟି ରାସ୍ତା ପଉନରୁ ପ୍ରାୟ ୨୦-୨୫ଫୁଟ ନିମ୍ନରେ ରହିଛି। ଗର୍ଭଗୃହର ମଧ୍ୟଭାଗରେ ଲିଙ୍ଗ ଶକ୍ତି ପୂଜିତ ହୁଅନ୍ତି। ଜଗମୋହନର କାନ୍ଥରେ ଶ୍ରୀନୀଳକଣ୍ଠ ଏବଂ ଦଶମହାବିଦ୍ୟାଙ୍କ ବିଗ୍ରହ ସ୍ଥାନିତ। ମନ୍ଦିର ନିର୍ମାଣକାଳ ଆନୁମାନିକ ଖ୍ରୀଷ୍ଟୀୟ ସପ୍ତମ / ଅଷ୍ଟମ ଶତାବ୍ଦୀ ବୋଲି ଜଣାଯାଏ। ସମସ୍ତ ନୀତି ସହିତ ମଧ୍ୟାହ୍ନ ଧୂପରେ ସଞ୍ଛୁଡ଼ି ଭୋଗ ଲାଗି ହୁଏ। ପଣା ସଂକ୍ରାନ୍ତି, ଶୀତଳଷଷ୍ଠୀ , ଶିବରାତ୍ରୀ ଓ ଦୋଳ ଉତ୍ସବ ଏଠାର ମୁଖ୍ୟ ଯାନିଯାତ୍ରା ଭାବରେ ପାଳିତ ହୁଏ। ଏହାଙ୍କର ମୂଳ ଆସ୍ଥାନ ଏହି ଇନ୍ଦ୍ରଦ୍ୟୁମ୍ନ ତଟରେ ହୋଇଥିଲେ ହେଁ ଚନ୍ଦନ ଯାତ୍ରା ସମୟରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଲବଣିଖିଆ ଛକସ୍ଥିତ ସାମୟିକ ଆସ୍ଥାନରେ ଅବସ୍ଥାନ କରିଥାଆନ୍ତି। ମୂଳପୀଠର ଦୂରତା ଦୃଷ୍ଟିରୁ ବିଗ୍ରହଙ୍କ ଚନ୍ଦନ ଯାତ୍ରା ପଟୁଆରରେ ଯୋଗ ଦେବାରେ ବିଳମ୍ବକୁ ସୁଧାରିବା ପାଇଁ ଏହିଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଶ୍ରୀକ୍ଷେତ୍ରପାଳ

ଶ୍ରୀମନ୍ଦିର ପରିସରର ମୁକ୍ତି ମଣ୍ଡପର ପଶ୍ଚାତ୍‌ଭାଗରେ ଦକ୍ଷିଣାଭିମୁଖୀ କ୍ଷେତ୍ରପାଳ ମହାଦେବଙ୍କ ମନ୍ଦିର ରହିଛି। ଏଥିରେ କ୍ଷୁଦ୍ର ଲିଙ୍ଗ ରୂପେ ପ୍ରଭୁ ପୂଜା ପାଉଛନ୍ତି। ଶିବ ପୁରାଣ ଅନୁସାରେ, ଏକଦା ମହାଦେବ ଭୈରବ ମୂର୍ତ୍ତି ଧାରଣ କରିଥିଲେ। ଶ୍ରୀମନ ନାରାୟଣ ତାଙ୍କର ଉଗ୍ର ରୂପ ଶାନ୍ତ ହେବା ପାଇଁ ପ୍ରାର୍ଥନା କଲେ। ଶ୍ରୀବିଷ୍ଣୁଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଭୈରବ ରୂପରେ ଶ୍ରୀମନ୍ଦିରର ଦକ୍ଷିଣ ଭାଗରେ କ୍ଷେତ୍ରପାଳ ଭାବେ ବିରାଜମାନ କରିଛନ୍ତି। ସେ ଏହି ପାବନ କ୍ଷେତ୍ରର ରକ୍ଷକ ତଥା ଅଧିପତି ଅଟନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ଏକ ଭୈରବ ସ୍ୱରୂପ ରହିଅଛି। ଏହି ସମାନତା ସକାଶେ କ୍ଷେତ୍ରପାଳ ମନ୍ଦିରର ବୈଚିତ୍ର୍ୟ ଦର୍ଶନୀୟ। ଏହି କ୍ଷୁଦ୍ର ମନ୍ଦିରରେ ଅନ୍ୟ ଶିବ ମନ୍ଦିର ଭଳି ସମ୍ମୁଖଭାଗ ତୋରଣର ଦୁଇପାର୍ଶ୍ୱରେ ନନ୍ଦୀ ଭୃଙ୍ଗୀଙ୍କ ସ୍ଥାନରେ ଜୟବିଜୟ ଏବଂ ଲଲାଟ ବିମ୍ବରେ କୀର୍ତ୍ତିମୁଖ ସ୍ଥାନରେ ମହାଲକ୍ଷ୍ମୀ ରହିଛନ୍ତି। ଗଙ୍ଗବଂଶୀୟ ନରପତି ଅନଙ୍ଗଭୀମ ଦେବଙ୍କ ଦ୍ୱାରା କୂର୍ମ ବେଢ଼ାରେ ବିଭିନ୍ନ ଦେବାଦେବୀଙ୍କ ଆସ୍ଥାନ ନିର୍ମାଣ କାଳରେ ଉକ୍ତ ମନ୍ଦିରଟି ନିର୍ମିତ ହୋଇଥିବା ଅନୁମାନ କରାଯାଏ। ଉକ୍ତ ମନ୍ଦିରର ଅବସ୍ଥିତି ଯୋଗୁଁ ଅନେକ ଦର୍ଶନାର୍ଥୀ କ୍ଷେତ୍ରପାଳଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହୁଅନ୍ତି। ଭାରପ୍ରାପ୍ତ ପୂଜକଙ୍କ ଅନାଗ୍ରହ କାରଣରୁ ପୂଜାର୍ଚ୍ଚନା ପରେ ଅଧିକାଂଶ ସମୟ ମନ୍ଦିରଟି ବନ୍ଦ ରହିଥାଏ।

## ଶ୍ରୀଐଶାନେଶ୍ୱର

ଶ୍ରୀମନ୍ଦିରର କୂର୍ମବେଢ଼ାର ଉତ୍ତର-ପୂର୍ବ ବା ଐଶାନ୍ୟ କୋଣରେ ତଥା ଉତ୍ତର ଦ୍ୱାର ହସ୍ତୀର ପୂର୍ବ ପାର୍ଶ୍ୱକୁ ଶ୍ରୀଐଶାନେଶ୍ୱର ମହାଦେବଙ୍କ ପ୍ରାଚୀନତମ ଭୂତଳ ମନ୍ଦିର ଅବସ୍ଥିତ। ପାଟ ଅଗଣା ପଉନଠାରୁ ପ୍ରାୟ ପଚିଶ ଫୁଟ ତଳେ ଲିଙ୍ଗଶକ୍ତି ପ୍ରତିଷ୍ଠିତ। ଶ୍ରୀମନ୍ଦିର ନିର୍ମାଣ ପୂର୍ବରୁ ଶ୍ରୀଐଶାନେଶ୍ୱର ଏହିଠାରେ ପ୍ରତିଷ୍ଠା ହୋଇଥିବାର ଅନୁମାନ କରାଯାଏ। କୂର୍ମବେଢ଼ା ନିର୍ମାଣ ଯୋଗୁଁ ଏହି ମନ୍ଦିରର ଅର୍ଦ୍ଧାଧିକ ଉଚ୍ଚତା ପୋତି ହୋଇ ରହିଛି। ଦୈନନ୍ଦିନ ନୀତି ସହିତ କୋଠ ଖଞ୍ଜାରୁ କୋରା ଖଇ ଓ କେବଳ ଫଳ ଭୋଗ କରାଯାଇଥାଏ।

ଶ୍ରୀଐଶାନେଶ୍ୱରଙ୍କ ମୁଖ୍ୟ ପର୍ବ ଭାବରେ ଅଶୋକାଷ୍ଟମୀ ତିଥିରେ ଭଣ୍ଡାର ଘରୁ ଶ୍ରୀଲୋକନାଥ ଏହି ମନ୍ଦିରର ଗର୍ଭଗୃହକୁ ବିଜେ କରିଥାଆନ୍ତି। ଏହା ବ୍ୟତୀତ ପଣା ସଂକ୍ରାନ୍ତି ଓ ଶିବରାତ୍ରୀ ଦିନ ଏଠାରେ ବିଶେଷ ପୂଜାର ଆୟୋଜନ ହୋଇଥାଏ। ବୈଶାଖ ମାସରେ ଠାକୁରଙ୍କ ଜଳଶାୟୀ ନୀତି ହୋଇଥାଏ।

## ଶ୍ରୀବଟେଶ୍ୱର

ଶ୍ରୀମନ୍ଦିର ଭିତର ବେଢ଼ାରେ ନାଟମଣ୍ଡପର ଦକ୍ଷିଣପାର୍ଶ୍ୱରେ ଯେଉଁ ଦକ୍ଷିଣମୁହାଁ ରେଖ ଦେଉଳରେ ମା' ଇନ୍ଦ୍ରାଣୀଙ୍କ ଆସ୍ଥାନ ରହିଛି ସେଥିରେ ବଟେଶ୍ୱର ନାମରେ ଲିଙ୍ଗଶକ୍ତି ପୂଜିତ। ଗବେଷକଙ୍କ ମତରେ ଏହି ଦେଉଳଟି ପୂର୍ବେ ବଟେଶ୍ୱରଙ୍କ ନାମରେ ଥିଲା। ଏବେ ମହାଲକ୍ଷ୍ମୀ ମନ୍ଦିର ନିକଟରେ ଥିବା ସୂର୍ଯ୍ୟ ମନ୍ଦିର ଥିଲା ମା' ଇନ୍ଦ୍ରାଣୀଙ୍କ ଆସ୍ଥାନ। କୋଣାର୍କରୁ ସୂର୍ଯ୍ୟ ନାରାୟଣଙ୍କ ଭବ୍ୟ ମୂର୍ତ୍ତି ଆସି ସେଠାରେ ଅବସ୍ଥାନ କରିବାରୁ ସେଠାରୁ ଇନ୍ଦ୍ରାଣୀଙ୍କ ବିଗ୍ରହ ସ୍ଥାନାନ୍ତରିତ ହୋଇ ବଟେଶ୍ୱର ମନ୍ଦିରରେ ସ୍ଥାପନ କରାହେଲେ। ସଂପ୍ରତି ଏହି ମନ୍ଦିରଟି ମା' ଇନ୍ଦ୍ରାଣୀଙ୍କର ବୋଲି ଅଧିକ ଗୃହୀତ ହେବା ଫଳରେ ପ୍ରଭୁ ବଟେଶ୍ୱର ଭକ୍ତ ମାନସରୁ ଅପସରି ଯାଇଛନ୍ତି। ଏବେ ନିରାଡ଼ମ୍ବର ଭାବରେ ଏହି ମହାଦେବଙ୍କ ପୂଜାର୍ଚ୍ଚନା ନାମକୁ ମାତ୍ର କରାଯାଉଥିବାର ଜଣାଯାଏ।

## ଶ୍ରୀବିଲ୍ୱେଶ୍ୱର

ପଣ୍ଡିତ ରଥଶର୍ମାଙ୍କ ପରିକଳ୍ପିତ ଶଙ୍ଖକ୍ଷେତ୍ରରେ ପଶ୍ଚିମ ବିନ୍ଦୁରେ ଶ୍ରୀଲୋକନାଥ ତଥା ପୂର୍ବର ଅନ୍ତିମ ବିନ୍ଦୁରେ ଶ୍ରୀବିଲ୍ୱେଶ୍ୱର ରହିଛନ୍ତି। ଏହି ଶୈବପୀଠର ପୁରୀଠାରୁ ବାୟବୀୟ ଦୂରତା ପ୍ରାୟ ଦଶ କି.ମି.ରୁ ଅଧିକ ହେବ। ଏହିଠାରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ବିଲ୍ୱ ରୂପକ ଶିବଲିଙ୍ଗଙ୍କୁ ପୂଜା କରି ଲଙ୍କା ଅଭିମୁଖେ ଯାତ୍ରା କରିଥିଲେ ବୋଲି ପ୍ରବାଦ ଅଛି। ସମୁଦ୍ରଠାରୁ ଅନତିଦୂରରେ ବାଲୁକା ପ୍ରାନ୍ତରରେ ଏହି ମନ୍ଦିର ଭୂମିଠାରୁ ପ୍ରାୟ ଦଶଫୁଟ ନିମ୍ନରେ ଅବସ୍ଥିତ ଏବଂ ତାହାର କିଛି ନିମ୍ନରେ ଶ୍ରୀବିଲ୍ୱେଶ୍ୱରଙ୍କ ଲିଙ୍ଗଶକ୍ତି ପୂଜିତ। ମନ୍ଦିରରେ ରହିଥିବା ପାର୍ଶ୍ୱଦେବତାଙ୍କ ମୂର୍ତ୍ତି ତଥା ହରପାର୍ବତୀଙ୍କ ଅତୀବ ଆକର୍ଷଣୀୟ ମୂର୍ତ୍ତି ସମୂହର କାରୁକାର୍ଯ୍ୟର ସୂକ୍ଷ୍ମତା ପ୍ରାଚୀନତାର ସ୍ୱାକ୍ଷର ବହନ କରେ। କୋଣାର୍କ ମନ୍ଦିର ପୂର୍ବରୁ ଏହି ମନ୍ଦିର ନିର୍ମାଣ ହୋଇଥିବା ଗବେଷକମାନଙ୍କ ମତ। ମହାଶିବରାତ୍ରୀ ଓ ସରନ୍ତି ସୋମବାର ଇତ୍ୟାଦି ପର୍ବ ଏଠାରେ ମହାସମାରୋହରେ ପାଳନ କରାଯାଏ। ସମସ୍ତ ସୋମବାର ଓ ସଂକ୍ରାନ୍ତିରେ ବହୁଭକ୍ତ ଆସି ଦର୍ଶନ କରିବା ସହିତ ପ୍ରସାଦ ସେବନ କରନ୍ତି। ପ୍ରାକୃତିକ ପରିବେଶରେ ଅବସ୍ଥିତ ଏହି ମନ୍ଦିର ବର୍ଷସାରା ଅନେକ ଭକ୍ତଙ୍କୁ ଆକର୍ଷିତ କରିଥାଏ। ଶିବ ପ୍ରସାଦର ଆସର ଜମେ। ପ୍ରଭୁଙ୍କୁ ଭକ୍ତିର ସହ ଦର୍ଶନ କଲେ ସକଳ ମନୋବାଞ୍ଛା ପୂରଣ ହୁଏ ବୋଲି ଭକ୍ତମାନଙ୍କଠାରୁ ଜଣାଯାଏ।

ଅନେକ ସ୍ଥାନରେ ଶଙ୍ଖକ୍ଷେତ୍ରର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ବିଲ୍ୱେଶ୍ୱରଙ୍କ ସ୍ଥାନରେ ବିଶ୍ୱେଶ୍ୱରଙ୍କ ନାମରେ ଉଲ୍ଲେଖ କରାଯାଇଥିବାରୁ ସାଧାରଣରେ ଭ୍ରମ ସୃଷ୍ଟି ହୁଏ। ଅନ୍ୟ ଏକ ମତରେ ଶ୍ରୀମନ୍ଦିର ଭିତରେ ସମସ୍ତ ମହାଦେବ ଯଥା କ୍ଷେତ୍ରପାଳ, ବଟେଶ୍ୱର ଓ ଐଶାନେଶ୍ୱର ତଥା ବିଲ୍ୱେଶ୍ୱରଙ୍କୁ ବାଦ୍ ଦେଇ ଶ୍ରୀମନ୍ଦିର ବାହାରେ ଥିବା ପଞ୍ଚ ପାଣ୍ଡବଙ୍କ ସହିତ ମା' ବିଶ୍ୱେଶ୍ୱରୀ ମନ୍ଦିର ନିକଟରେ ଥିବା ବିଶ୍ୱେଶ୍ୱର ମହାଦେବ, ମାଁ ଦକ୍ଷିଣ କାଳୀ ମନ୍ଦିର ନିକଟରେ ପ୍ରତିଷ୍ଠିତ ଶ୍ରୀ ମହାକାଳେଶ୍ୱର ଏବଂ ମା' ମରିଚୀକା ଠାକୁରାଣୀଙ୍କ ସମ୍ମୁଖରେ ବଡ଼ଦାଣ୍ଡର ପଶ୍ଚିମ ପାର୍ଶ୍ୱରେ ଥିବା କର୍ଣ୍ଣାମେଶ୍ୱରଙ୍କୁ ମିଶାଇ ଅଷ୍ଟଶମ୍ଭୁ ବୋଲି ଧରାଯାଇଛି।




ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଭିତରେ ଓ ବାହାରେ ଅନେକ ନାମରେ ପୂଜିତ ମହାଦେବଙ୍କ ବେଷ୍ଟନୀ ମଧ୍ୟରେ ଶଙ୍ଖନାଭି ମଣ୍ଡଳର କ୍ଷେତ୍ରରେ ବିରାଜମାନ କରିଛନ୍ତି। ଏହା ବୈଷ୍ଣବ ଓ ଶୈବତତ୍ତ୍ୱର ଏକ ସମନ୍ୱିତ ବାର୍ତ୍ତା ବହନ କରେ। ■

କୁଣ୍ଢେଇବେଣ୍ଟ ସାହି,
ପୁରୀ
ମୋ- ୯୪୩୭୧୬୬୩୬୯



# ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଗଣେଶ ଉପାସନା

**ଉତ୍କଳୀୟ ପରମ୍ପରାରେ ଗଣପତି ଉପାସନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉତ୍କଳୀୟମାନଙ୍କର ପରମାରାଧ୍ୟ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ସମେତ ପଞ୍ଚଦେବତାଙ୍କ ଉପାସନା କାହିଁ କେଉଁ କାଳରୁ ଅନସୃତ ହୋଇଆସୁଛି । କୁହାଯାଏ, ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ପରେ ଓ ପ୍ରତିଷ୍ଠା ପୂର୍ବରୁ କଳ୍ପବଟ ତଳେ ଥିବା ଗଣେଶ ପ୍ରତିଷ୍ଠା ହୋଇଥିଲେ । ରୀତି ଅନୁଯାୟୀ ପ୍ରଥମେ ତାଙ୍କର ପୂଜା କରାଯାଇଥିଲା ।**



ପୀତବାସ ରାଉତରାୟ

ଯେପରି ବିଭିନ୍ନ ନଦୀମାନଙ୍କର ପ୍ରବାହିତ ଜଳରାଶି ସ୍ୱଭାବତଃ ସମୁଦ୍ର ଅଭିମୁଖେ ଧାବମାନ ହୋଇଥାନ୍ତି, ସେହିପରି ଉତ୍କଳୀୟ ସଂସ୍କୃତି ସ୍ଥାନକାଳପାତ୍ର ଭୁଲି ଜଗନ୍ନାଥ ସଂସ୍କୃତିରେ ବିଲୀନ ହୋଇ ଏକାକାର ଲଭିଥାନ୍ତି । ସର୍ବଧର୍ମ ସମନ୍ୱୟର ପୀଠ ଏହି ଶ୍ରୀକ୍ଷେତ୍ରରେ ଧର୍ମକୁ ନେଇ ଦେଖାଯାଏନା ସଂକୀର୍ଣ୍ଣତା । ଶୈବ, ଶାକ୍ତ, ଗାଣପତ୍ୟ, ସୌର ଓ ବୈଷ୍ଣବଗଣ ସମସ୍ତେ ପଞ୍ଚଦେବତାଙ୍କର ପ୍ରତୀକ ସମସ୍ତ ଶକ୍ତିର କେନ୍ଦ୍ରବିନ୍ଦୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଠାରେ ନିଜ ନିଜର ଇଷ୍ଟଙ୍କୁ ଦର୍ଶନ କରି ହୋଇଯାଆନ୍ତି ଭାବାଚ୍ଛନ୍ନ । ଏଇଥିପାଇଁ ତ ଜଗନ୍ନାଥ ସଂସ୍କୃତି ହେଉଛି ମହାନ୍ । ଏଠାରେ ପଞ୍ଚଦେବତା ଉପାସନା ପରମ୍ପରାର ହୋଇଛି ମହାମିଳନ ଓ ଶ୍ରୀଗଣେଶ ହେଉଛନ୍ତି ଅଗ୍ରଗଣ୍ୟ । ଶ୍ରୀମନ୍ଦିରର ପାର୍ଶ୍ୱ ଦେବଦେବୀ ମନ୍ଦିରରେ ଛୋଟବଡ଼ ହୋଇ ୪୫ଟି ଗଣପତି ମୂର୍ତ୍ତି ଦୃଶ୍ୟମାନ । ତା'ମଧ୍ୟରୁ ଭିତର ବେଢ଼ାରେ ୨୨ଟି ଓ ବାହାର ବେଢ଼ାରେ ୨୩ ଜଣ । ଏହି ଗଣେଶ ପ୍ରତିମା କେଉଁଠାରେ ମୂର୍ତ୍ତି ରୂପରେ ବିରାଜମାନ ତ କେଉଁଠାରେ ଚିତ୍ର ମାଧ୍ୟମରେ ହେଉଛନ୍ତି ପୂଜନ । ଶ୍ରୀକ୍ଷେତ୍ରରେ ଦୁଇଟି ସ୍ଥାନରେ ଶ୍ରୀଗଣେଶଙ୍କ ମୂର୍ତ୍ତି ବହୁ ପ୍ରାଚୀନ କାଳରୁ ଓ ଶ୍ରୀମନ୍ଦିରରେ ତିନୋଟି ସ୍ଥାନରେ ତିନୋଟି ବୃହତ ମୂର୍ତ୍ତି ପୂଜା ପାଉଛନ୍ତି ।

## ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ



ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗଣାପତ୍ୟ ସମ୍ପ୍ରଦାୟର ଗଣପତି ଭଟ୍ଟ ନାମରେ ଜନୈକ ସାଧୁ ଶ୍ରୀକ୍ଷେତ୍ର ଆସିଥିଲେ । ସେ ପୁରାଣଶାସ୍ତ୍ରରୁ ଶ୍ରୀଜଗନ୍ନାଥଙ୍କୁ ପରମବ୍ରହ୍ମ ବୋଲି ଜାଣି ତାଙ୍କଠାରେ ନିଜର ଇଷ୍ଟ ଗଣପତିଙ୍କୁ ଦର୍ଶନ କରିବା ଲାଳସାରେ ଧାଇଁ ଆସିଥିଲେ ଏଠାକୁ । ସେ ମନେ ମନେ ସ୍ଥିର କରିଥିଲେ ଯେ ଯଦି ନୀଳାଚଳନାୟକ ପ୍ରକୃତରେ ପରଂବ୍ରହ୍ମ, ତେବେ ସେ ମୋତେ ମୋର ଇଷ୍ଟ ଗଣପତି ରୂପରେ ନିଶ୍ଚୟ ଦର୍ଶନ ଦେବେ । ତାଙ୍କ ଆଗମନ ସମୟକୁ ମହାପ୍ରଭୁ ସ୍ନାନମଣ୍ଡପରେ ବିଜେ କରିଅଛନ୍ତି । ସେ ତାଙ୍କର କିମ୍ଭୂତ କିମାକାର ରୂପ ଦେଖି ହେଲେ ଚକିତ । ତାଙ୍କ ଇଷ୍ଟଙ୍କୁ ଦର୍ଶନ ନ ପାଇ ସେ ନିରାଶରେ ଫେରିଗଲେ । ମୁକ୍ତେଶ୍ୱରଙ୍କର ପାଖରେ ପହଞ୍ଚି ସେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ । ଦେଖିଲେ ଶ୍ରୀବଳଭଦ୍ର ହରିଦ୍ରା ଗଣେଶ ରୂପରେ, ଶ୍ରୀଜଗନ୍ନାଥ ଖାଦିର ଗଣେଶ ରୂପେ ଓ ମା' ସୁଭଦ୍ରା ମାତଙ୍ଗୀ ରୂପରେ ସ୍ନାନ ମଣ୍ଡପରେ ବିଜେ କରିଅଛନ୍ତି । ଏହା ଦେଖି ଗଣପତି ଭଟ୍ଟଙ୍କର ମୋହ ତୁଟିଗଲା । ସେ ଅନୁଭବ କଲେ ମହାପ୍ରଭୁ ପରଂବ୍ରହ୍ମ ଅଟନ୍ତି । ସେ ହେଉଛନ୍ତି ଗଣେଶ, ଶିବ, ଶିବା ଓ ସୂର୍ଯ୍ୟ । ସେ ନିଜେ ଭଗବତ୍ ଗୀତାରେ କହିଛନ୍ତି; "ମୋତେ ଯିଏ ଯେଉଁପରି ଭାବେ, ମୁଁ ତାକୁ ସେହିପରି ଫଳ ଦିଏ ।"

## ଶ୍ରୀବଟଗଣେଶ

ବେଢ଼ା ପରିକ୍ରମା କଲାବେଳେ ଆମେ ଶ୍ରୀମନ୍ଦିରରେ ପହଞ୍ଚିଲେ ଯେଉଁ ପ୍ରତିମା ଗଣେଶଙ୍କ ପ୍ରଥମେ ଦର୍ଶନ କରୁ ସେ ହେଲେ ବଟଗଣେଶ । କଳ୍ପବଟ ମୂଳେ ପ୍ରତିଷ୍ଠିତ ଶ୍ରୀବଟଗଣେଶ କଳ୍ପବଟ ସହିତ ଏଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଯେ ଶ୍ରୀମନ୍ଦିର ଭିତରେ ସେ କଳ୍ପବଟର ଏକ ଶାଖା ସଂଲଗ୍ନ ହୋଇ ରହିଛନ୍ତି ।

ଅତିବଡ଼ୀ ଜଗନ୍ନାଥ ଦାସ ବଟଗଣେଶ ମୂଳରେ ବସି ଓଡ଼ିଆ ଭାଗବତ ରଚନା କରିଥିଲେ । ପ୍ଲଟ ନଂ ୯୫ରେ କଳ୍ପବଟ ମୂଳରେ ଅବସ୍ଥାନ କରୁଥିବା ଏହି ଦକ୍ଷିଣାଭିମୁଖୀ ଗଣେଶଙ୍କୁ କେହି କେହି କଳ୍ପ ଗଣେଶ, ସିଦ୍ଧ ଗଣେଶ, ଚିନ୍ତାମଣି ଗଣେଶ ବୋଲି ଅଭିହିତ କରିଥାନ୍ତି । ଐତିହାସିକମାନଙ୍କ ମତରେ ଏହି ବଟ ଗଣେଶ ମନ୍ଦିର ୭୦୦ ବର୍ଷ ତଳେ ସ୍ଥାପିତ ହୋଇଥିଲା । ଅନଙ୍ଗଭୀମଦେବଙ୍କ ରାଜତ୍ୱ ସମୟରେ ଏହା ସ୍ଥାପିତ ହୋଇଥିବାର ଅନୁମାନ କରାଯାଏ । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପିତା କପିଳେଶ୍ୱରପୁର ଶାସନ ନିବାସୀ ପଣ୍ଡିତ ଭଗବାନ ଦାଶ ଏହି ମନ୍ଦିର ସମ୍ମୁଖରେ ସଂସ୍କୃତ ଭାଗବତ ପାଠ କରୁଥିବାରୁ ସୂର୍ଯ୍ୟବଂଶୀ ରାଜା ଶ୍ରୀ ପୁରୁଷୋତ୍ତମ ଦେବ ତାଙ୍କୁ 'ପୁରାଣପଣ୍ଡା' ଉପାଧିରେ ଭୂଷିତ କରିଥିଲେ । ଶ୍ରୀବଟଗଣେଶଙ୍କ ଶରୀର ଇଷଦ୍ ଧବଳ ଓ ରକ୍ତବର୍ଣ୍ଣ । ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଗର୍ଭ ଗୃହ ମଧ୍ୟରେ ଧବଳ ପ୍ରସ୍ତରରେ ନିର୍ମିତ ଚାରିଫୁଟ ଉଚ୍ଚତା ବିଶିଷ୍ଟ ଚତୁର୍ବାହୁଯୁକ୍ତ ଗଣେଶଙ୍କର ଏକ ନମନୀୟ ବିଗ୍ରହ ଶାନ୍ତମୁଦ୍ରାରେ ଏଠାରେ ଅବସ୍ଥାନ କରିଅଛନ୍ତି । ଗଠନ ଶୈଳୀରୁ ଏହା ବହୁ ପୁରାତନ ବୋଲି ମନେ ହୁଏ । ସେ ଦକ୍ଷିଣ ଊର୍ଦ୍ଧ୍ୱ ହସ୍ତରେ ଅକ୍ଷମାଳା, ଦକ୍ଷିଣ ଅଧଃ ହସ୍ତରେ ଭଗ୍ନଦନ୍ତ, ବାମ ଉପର ହସ୍ତରେ ପରଶୁ ଓ ବାମତଳ ହସ୍ତରେ ଲଡୁ ଧାରଣ କରିଅଛନ୍ତି । ସମ୍ମୁଖରେ ଛୋଟିଆ ଜଗମୋହନରେ ଏକ କ୍ଷୁଦ୍ର ସ୍ତମ୍ଭ ଉପରେ ୮ ଇଞ୍ଚ ଲମ୍ବା ଓ ୪ ଇଞ୍ଚ ଉଚ୍ଚତା ବିଶିଷ୍ଟ କଳାମୁଗୁନି ପଥରରେ ତିଆରି ଏକ କ୍ଷୁଦ୍ର ମୂଷିକ ବାହାନ ଭାବରେ ବିଦ୍ୟମାନ । ଏହି ମୂଷିକର ନିର୍ମାଣ ଶୈଳୀ ଅତ୍ୟନ୍ତ କମନୀୟ । ଦୀର୍ଘଦିନରୁ ଏହା ସ୍ଥାପିତ ହୋଇଥିଲେ ମଧ୍ୟ ଏହାଙ୍କ ପୃଷ୍ଠରେ ହାତ ବୁଲାଇଲେ କଣ୍ଟକିତ ଓ ଲୋମଶ ପରି



ମନେ ହୋଇଥାଏ। ଏହା ହିଁ ଉତ୍କଳୀୟ ଶିଳ୍ପ କଳାର ଉତ୍କୃଷ୍ଟ ଉଦାହରଣ। 'ଗଣେଶ ମୋଦକାକାଂକ୍ଷୀ' ଏହି ନ୍ୟାୟରେ ଭକ୍ତମାନେ ବିଦ୍ୟାବୁଦ୍ଧି ଲାଭ ଆଶାରେ ଏହାଙ୍କୁ ପୂଜା କରି ମୋଦକ (ଖସାଲଡ୍ଡୁ) ଭୋଗ ଲଗାଇଥାନ୍ତି। ଶ୍ରୀପୁରୁଷୋତ୍ତମଦେବଙ୍କ 'ମୁକ୍ତିଚିନ୍ତାମଣି' ଗ୍ରନ୍ଥାନୁସାରେ ଭକ୍ତମାନେ ବେଢ଼ା ପରିକ୍ରମା କଲାବେଳେ ଏହି ବଟଗଣେଶଙ୍କୁ ଦର୍ଶନ କରି ପ୍ରାର୍ଥନା କରନ୍ତି –

"କଳ୍ପଦ୍ରୁମର ଅଧୋଭାଗରେ ଅବସ୍ଥାନ କରୁଥିବା କାମଧେନୁ ସଦୃଶ ସମସ୍ତ କାମନା ପରିପୂରଣକାରୀ ହେ ବିଘ୍ନରାଜଃ! ତୁମକୁ ମୁଁ ପ୍ରଣାମ କରୁଅଛି। ସର୍ବଶୁଭରେ ମୋର ଦର୍ଶନ ସମ୍ପନ୍ନ ହେଉ। ଏଠାରେ ପ୍ରତ୍ୟହ ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ସ୍ନାନ, ବେଶ ପ୍ରଭୃତି ଅନୁଷ୍ଠିତ ହୋଇଥାଏ। କୋଠଭୋଗ ଘରୁ ଆସୁଥିବା ଖଇକୋରା, ବଲ୍ଲଭଭୋଗ, କାକରା ଏଠାରେ ଲାଗି ହୋଇଥାଏ। ସେହିପରି ସନ୍ଧ୍ୟାରେ ସନ୍ଧ୍ୟା ଆଳତି ହୋଇ ଖଇକୋରା, ରାଶିଲଡ୍ଡୁ ଓ କଦଳୀ ଆଦି ଭୋଗ ଲାଗି କରାଯାଇଥାଏ। ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ବଟଗଣେଶଙ୍କ ବଡ଼ ପ୍ରିୟ ପର୍ବ ଅଟେ। ଏହି ଦିନ ବିଦ୍ୟାର୍ଥୀମାନେ ଓ ଅନ୍ୟାନ୍ୟ ଶ୍ରଦ୍ଧାଳୁଗଣ ବିଦ୍ୟା, ବୁଦ୍ଧି ଓ ଧନପ୍ରାପ୍ତି ଆଶାରେ ଗଣପତିଙ୍କର ପୂଜାର୍ଚ୍ଚନା କରିଥାନ୍ତି। ଶ୍ରୀମନ୍ଦିର ସେବକମାନେ ମଧ୍ୟ ପ୍ରତ୍ୟହ ବଟଗଣେଶଙ୍କୁ ପ୍ରଣାମ କରି ପାଳି (ସେବା) କରିବାକୁ ଯାଇଥାନ୍ତି।"



### ଶ୍ରୀନୃତ୍ୟଗଣେଶ

ଶ୍ରୀମନ୍ଦିର ବେଢ଼ାର ଜଳକ୍ରୀଡ଼ା ମଣ୍ଡପ ପଛକୁ ରହିଛି ଦକ୍ଷିଣାଭିମୁଖୀ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଅତ୍ୟୁଚ୍ଚ ମନ୍ଦିର। ଏଥିରେ ଛଅଫୁଟ ଉଚ୍ଚତା ବିଶିଷ୍ଟ ସିଂହାସନ ଉପରେ ଏହି ଗଣେଶ ଶକ୍ତି ଉପରେ ନୃତ୍ୟରତ। ଗଜପତି ପୁରୁଷୋତ୍ତମଦେବଙ୍କ ଦ୍ୱାରା ଏହି ବିଗ୍ରହ କାଞ୍ଚିରୁ ଅଣା ଯାଇଥିଲେ। ଏହାଙ୍କୁ ସମସ୍ତେ ନାଚୁଆ ଗଣେଶ ବା କାଞ୍ଚିଖୁରି ଗଣେଶ ବୋଲି ଜାଣନ୍ତି। ଉପର ବାମ ଓ ଡାହାଣ ହସ୍ତରେ ଯଥାକ୍ରମେ ସର୍ପର ଲାଞ୍ଜ ଓ ଫଣା ଗଣେଶଙ୍କ ଉପରି ଭାଗରେ ବୃତ୍ତାକାରରେ ରହିଛି। ଡାହାଣ ପଟ ଅନ୍ୟ ହସ୍ତମାନଙ୍କରେ ଯଥାକ୍ରମେ ଉପରୁ ତଳକୁ ମାଳା, ଦନ୍ତ ଓ ଜପମୁଦ୍ରା ଥିବା ବେଳେ ବାମପଟହସ୍ତରେ ଅଙ୍କୁଶ ଓ ଲଡ୍ଡୁ ରହିଛି। ବାମହସ୍ତରେ ଥିବା ଲଡ୍ଡୁକୁ ଶୁଣ୍ଢ ସ୍ପର୍ଶ କରିଛି। ପାଦଦେଶରେ ବାହନ ମୂଷିକ ସେବା ଦେବା ପାଇଁ ଅପେକ୍ଷାରତ। ଏପରି କମନୀୟ ମୂର୍ତ୍ତି ଅନ୍ୟତ୍ର ବିରଳ। ମନ୍ଦିର କୋଠଖଞ୍ଜାରୁ ବଲ୍ଲଭ ୧ ଓଳି, କୋରା ୨ଟି, ସାନ କାକରା ୨ଟି ପ୍ରତ୍ୟହ ନୀତି ପାଇଁ ମିଳେ। ଗଣେଶ ଚତୁର୍ଥୀରେ ଗୋଟିଏ ପତନି ମଧ୍ୟ ଦିଆଯାଇଥାଏ।

ଏହାଙ୍କର ଦୈନନ୍ଦିନ ନୀତି କ୍ରମରେ ଅତି ପ୍ରତ୍ୟୁଷରୁ ମାଜଣା, ବେଶ, ବଲ୍ଲଭ ଭୋଗ ଓ ରାତ୍ରରେ କ୍ଷୀରଭୋଗ ହୋଇ ପହୁଡ଼ ହୋଇଥାଏ। ଗଣେଶ ଚତୁର୍ଥୀ ଦିନ ସନ୍ଧ୍ୟା ଧୂପ ପରେ ପ୍ରସାଦ ଲାଗି, ଭୋଗ ଓ ବନ୍ଦାପନା ଇତ୍ୟାଦି ପୂଜାପଣ୍ଡା ସେବକଙ୍କ ଦ୍ୱାରା କରାଯାଇଥାଏ। ରୁକ୍ମିଣୀ ହରଣ ଏକାଦଶୀ ଦିନ ରୁକ୍ମିଣୀରୂପିଣୀ ମହାଲକ୍ଷ୍ମୀ ବିମଳା ମନ୍ଦିରରେ ବିଜେ କଲାବେଳେ ଶ୍ରୀମଦନମୋହନ ରୁକ୍ମିଣୀ ମହାଲକ୍ଷ୍ମୀଙ୍କୁ ହରଣ କରିବା ନିମିତ୍ତ ଏହି ମନ୍ଦିରରେ ଲୁଚି ରହିଥାନ୍ତି। ଏହି ଦିନ ଏହି ଗଣେଶ ମନ୍ଦିରରେ ଏକ ପନ୍ତି ଭୋଗ ଅନୁଷ୍ଠିତ ହୋଇଥାଏ। ଭକ୍ତମାନେ ତାଙ୍କୁ ଦର୍ଶନ କରି ସ୍ତୁତି କରନ୍ତି; "ହେ ଗଣମାନଙ୍କର ନାୟକ! ଆପଣ ଭାରି ସୁନ୍ଦର, ନୃତ୍ୟପ୍ରିୟ, ସର୍ପକୁ ଉପବୀତ ରୂପେ ଆପଣ ଧାରଣ କରିଛନ୍ତି। ହେ ହରପ୍ରିୟ, ସର୍ବ ଶୁଭଦାୟକ ଲମ୍ବୋଦର! ବିଘ୍ନ ବିନାଶନ ପାଇଁ ମୁଁ ତୁମକୁ ପ୍ରଣାମ କରୁଛି।"

# ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗଣେଶ

**ଶ୍ରୀମନ୍ଦିର ବେଢ଼ା ଭିତରେ ଅନେକ ଗଣେଶ ପୂଜା ପାଉଛନ୍ତି। ସେଭଳି ଶ୍ରୀମନ୍ଦିର ବେଢ଼ା ବାହାରେ ମଧ୍ୟ ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଗଣେଶଙ୍କ ଉପାସନା ଚାଲିଛି।**

### କାଞ୍ଚି ଗଣେଶ

ଶ୍ରୀମନ୍ଦିର ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ସାକ୍ଷୀଗୋପାଳ ମନ୍ଦିରକୁ ଲାଗି ରହିଛି କାଞ୍ଚି ଗଣେଶ ମନ୍ଦିର। ଶ୍ରୀମନ୍ଦିରର ପ୍ଲଟ ନଂ ୬୫ରେ ପ୍ରାୟ ୨୨ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରରେ କଳାମୁଗୁନି ପଥରରେ ନିର୍ମିତ ପାଞ୍ଚଫୁଟ ଉଚ୍ଚତାର ଏକ ସୁଦୃଶ୍ୟ ଗଣେଶ ବିଗ୍ରହ ଶୋଭା ପାଉଅଛନ୍ତି। ବିଗ୍ରହ ପଛପଟେ ଏକ ପଥରର ଦ୍ୱିତୀୟା ଚନ୍ଦ୍ରାକୃତି ପ୍ରଭା ରହିଅଛି। ସିଂହାସନ ଉପରେ ଦକ୍ଷିଣ ଗୋଡ଼ ପାଦଭୂମିକୁ ସ୍ପର୍ଶ କରୁଥିବାବେଳେ ବାମଗୋଡ଼ ମୋଡ଼ି ହୋଇ ବସିବା ମୁଦ୍ରାରେ ରହିଛନ୍ତି। ହସ୍ତସଂଖ୍ୟା ୪, ଉପର ଡାହାଣ ହାତରେ ଏକ ଭଗ୍ନଦନ୍ତ, ତଳ ଡାହାଣ ହାତରେ ଜପାମାଳା, ଉପର ବାମ ହାତରେ ପରଶୁ ଧାରଣ କରିଥିବା ବେଳେ ତଳ ବାମ ହାତରେ ସିଦ୍ଧି ଦେବୀଙ୍କୁ ଆଲିଙ୍ଗନ କରୁଛନ୍ତି। କର୍ଣ୍ଣାଟକୀ ଶୈଳୀରେ ନିର୍ମିତ ଚତୁର୍ଭୁଜ ବିଶିଷ୍ଟ ଏହି ମୂର୍ତ୍ତି ସମାଧି ଅବସ୍ଥାରେ ବିରାଜମାନ କରିଥିଲେ ବି ନିଜର ଶୁଣ୍ଢକୁ ଶକ୍ତିଙ୍କ ଭଗ ମଧ୍ୟକୁ ପ୍ରବେଶ କରାଇଛନ୍ତି। ଏହାଙ୍କୁ କାଞ୍ଚିଗଣେଶ, ଭଣ୍ଡଗଣେଶ, କାମଦଗଣେଶ, ଚୌରଗଣେଶ, ଉଚ୍ଛିଷ୍ଟଗଣେଶ ଆଦି ନାମରେ ନାମିତ କରାଯାଇଛି। କୋଠଖଞ୍ଜାରୁ ଏହି ମନ୍ଦିର ପାଇଁ ପ୍ରତ୍ୟହ ୨ଟି କୋରା ଅଧକିଲିଆ କାକରା ୩ଟି ମିଳେ। ଏହାଙ୍କୁ ଭଣ୍ଡଗଣେଶ କୁହାଯିବାର ୨ଟି କାରଣ ଯଥାର୍ଥ ମନେହୁଏ। ଐତିହାସିକ ଓ ଜଗନ୍ନାଥ ସଂସ୍କୃତି ଗବେଷକମାନଙ୍କ ମତରେ ୧୪୭୪ରେ ସୂର୍ଯ୍ୟବଂଶୀୟ ରାଜା ଶ୍ରୀପୁରୁଷୋତ୍ତମ ଦେବ କାଞ୍ଚିର ରାଜା ଶାଲ୍ୱ ନରସିଂହଦେବଙ୍କୁ ପରାସ୍ତ କରି କାଞ୍ଚିର ଇଷ୍ଟଦେବତା ଗଣେଶଙ୍କୁ ସାଙ୍ଗରେ ଆଣିଥିଲେ। କାଞ୍ଚି ରାଜାଙ୍କୁ ଏହି ଗଣେଶ ଯୁଦ୍ଧରେ ସହାୟତା କରୁଥିଲେ ବି ଶେଷରେ କାଞ୍ଚି ରାଜା ପରାସ୍ତ ହେଲେ। ଫଳରେ ସେହି କାଞ୍ଚିର ଇଷ୍ଟଦେବତା ଶ୍ରୀଗଣେଶ କାଞ୍ଚିରାଜାଙ୍କୁ ପରିତ୍ୟାଗ କରି ଆସି ଆମ ରାଜ୍ୟର ଇଷ୍ଟଦେବତା ଶ୍ରୀଜଗନ୍ନାଥଙ୍କ ପଛପଟେ ଲୁଚିକରି ଅବସ୍ଥାନ କରୁଅଛନ୍ତି। ଦ୍ୱିତୀୟ କାରଣଟି ହେଲା କାଞ୍ଚିଗଣେଶ ନବଦ୍ୱାରକୁ ରୁନ୍ଧି ସମାଧି ଅବସ୍ଥାରେ ଏଠାରେ ଅବସ୍ଥାନ କରିଅଛନ୍ତି ହେଲେ ତାଙ୍କର ଶୁଣ୍ଢଟି ନିଜ କୋଳରେ ବସିଥିବା ପତ୍ନୀଙ୍କ ଜନନେନ୍ଦ୍ରିୟ ମଧ୍ୟରେ ପ୍ରବେଶ କରିଅଛି। ସର୍ବ ସମକ୍ଷରେ ଏପରି ଅଶ୍ଳୀଳତାକୁ ଦେଖି ତାଙ୍କୁ ଭଣ୍ଡ/ଭାଣ୍ଡ ଗଣେଶ ବୋଲି କୁହାଯାଇଥାଏ।



### ଗଣେଶ ଗୁରୁଜରେ ଚାରଗଣେଶ

ବଡ଼ଦାଣ୍ଡର ବାମଭାଗରେ ନରେନ୍ଦ୍ର ପୁଷ୍କରଣୀକୁ ଯିବା ରାସ୍ତାରେ ଏହି ଗଣେଶ ଗୁରୁଜ ଜାଗାଟି ଅବସ୍ଥିତ। ଏଠାରେ ମୁଖ୍ୟଦେବତା ରୂପେ ପୂଜା ପାଉଥିବା ଠାକୁରଙ୍କୁ ଚାରଗଣେଶ ବୋଲି କୁହାଯାଏ। କିମ୍ବଦନ୍ତୀ କୁହେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ସମୟରେ ଏହିଠାରୁ ଚାର ବନ୍ଧାଯାଇ ପଥର ବୁହାଯାଉଥିଲା ଓ ବିଘ୍ନବିନାଶକ ଶ୍ରୀଗଣେଶଙ୍କୁ ସ୍ଥାପନ କରାଯାଇ ଏହିଠାରେ ଭାଡ଼ି ବନ୍ଧାଯାଇଥିଲା। ସେତେବେଳେ ଅଠରନଳାରୁ ସିଧାସଳଖ ଗୋଟିଏ ରାସ୍ତା ନରେନ୍ଦ୍ର କୋଣ ଦେଇ ବଡ଼ଦାଣ୍ଡରେ ବାହାରିଥିଲା, ତାହା ଥିଲା ପୁରୀ ନଗରର ମୁଖ୍ୟ ତୋରଣ ଯେଉଁଠାରେ ବଡ଼ ଜାଉଁଳି କବାଟ ଲାଗିଥିଲା। ସେହି କବାଟ ସନ୍ଧ୍ୟାଧୂପ ପରେ ବନ୍ଦ ହେଉଥିଲା ଓ ମଙ୍ଗଳ ଆଳତି ପୂର୍ବରୁ ଫିଟା ଯାଉଥିଲା। ସେହି ଜାଗାର ଅଧିଷ୍ଠାତା ଦେବତା ଶ୍ରୀଗଣେଶ ସଂପ୍ରତି ଏକ କ୍ଷୁଦ୍ର ମନ୍ଦିରରେ ପୂର୍ବାମୁଖୀ ହୋଇ ପୂଜା ପାଉଛନ୍ତି।





### ଶ୍ରୀକପାଳମୋଚନ ମହାଦେବ ମନ୍ଦିରରେ ସିଦ୍ଧ ବିନାୟକ

ପ୍ରାଚୀନ ସମୟରୁ ପ୍ରତିଷ୍ଠିତ ଏହି ମନ୍ଦିର ପୁରୀ ସହରରେ ମଣିକର୍ଣ୍ଣିକା ସାହିର ଅଗ୍ରଭାଗରେ ତଥା ଗାଣ୍ଡୁଆଚଉରା ଛକ ନିକଟରେ ଅବସ୍ଥିତ। ଏହି ମନ୍ଦିରର ଚତୁଃପାର୍ଶ୍ୱରେ ଉଚ୍ଚପ୍ରସ୍ତର ପ୍ରାଚୀର ଘେରି ରହିଛି। ମନ୍ଦିର ପରିସରଟି ୮୦ / ୯୦ ଫୁଟ ଓସାର ପରିମିତ ମଧ୍ୟରେ ଅବସ୍ଥିତ। ଶ୍ରୀମନ୍ଦିରର ଦକ୍ଷିଣଦ୍ୱାରଠାରୁ ଶ୍ରୀଲୋକନାଥ ମନ୍ଦିରକୁ ଯାଇଥିବା ମୁଖ୍ୟରାସ୍ତାର ବାମପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରର ଏକ ମାତ୍ର ପ୍ରବେଶ ଦ୍ୱାର ରହିଅଛି। ରାସ୍ତା ପତନଠାରୁ ପ୍ରାୟ ୧୨ଗୋଟି ପାହାଚ ଅତିକ୍ରମ କରିବା ପରେ ମନ୍ଦିରର ବେଢ଼ାକୁ ପ୍ରବେଶ କରିବାକୁ ହୋଇଥାଏ।

କପାଳମୋଚନ ମନ୍ଦିର ମଧ୍ୟରେ କେତେକ କ୍ଷୁଦ୍ର ପାର୍ଶ୍ୱ ଦେବଦେବୀ ମନ୍ଦିର ରହିଥିଲେ ହେଁ, ସିଦ୍ଧ ବିନାୟକ ମନ୍ଦିର ତନ୍ମଧ୍ୟରେ ମୁଖ୍ୟ ଅଟେ। ପ୍ରବାଦ ଅଛି ଯେ, ଶ୍ରୀମନ୍ଦିର ନିର୍ମାଣ ପୂର୍ବରୁ ତତ୍କାଳୀନ ରାଜା ସିଦ୍ଧ ବିନାୟକଙ୍କୁ ଏହିଠାରେ ପ୍ରତିଷ୍ଠା କରି ପୂଜା କରିଥିଲେ ଯେପରିକି ମନ୍ଦିର ନିର୍ମାଣ କାର୍ଯ୍ୟରେ ବିଘ୍ନ ନ ଘଟିବ। କେହି କେହି ଖ୍ରୀଷ୍ଟୀୟ ୧୧୪୨ରେ ଏହି ବିଗ୍ରହଙ୍କୁ ସ୍ଥାପନ କରାଯାଇଥିଲା ବୋଲି ମତବ୍ୟକ୍ତ କରିଥାନ୍ତି। ଏହି ସିଦ୍ଧ ବିନାୟକ 'ଦକ୍ଷିଣାବର୍ତ୍ତ ଗଣେଶ' ନାମରେ ମଧ୍ୟ କଥିତ। ବିଗ୍ରହର ଗଠନଶୈଳୀ ଅନ୍ୟାନ୍ୟ ଗଣେଶ ବିଗ୍ରହଙ୍କଠାରୁ ସ୍ୱତନ୍ତ୍ର ଓ ଅନନ୍ୟ। ଏଠାରେ ସୂଚନାଯୋଗ୍ୟ ଯେ ପ୍ରତ୍ୟହ ଶ୍ରୀମନ୍ଦିରର ବଡ଼ବାଡ଼ (ବଳଭଦ୍ରଙ୍କର) ଏକ ନାକଗୁଣା ଆସି ସିଦ୍ଧ ବିନାୟକଙ୍କୁ ଲାଗି କରାଯାଏ। ଏହିପରି ଶ୍ରୀଗଣେଶ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ବିରାଜମାନ ହୋଇ ଶ୍ରୀଜଗନ୍ନାଥଧାମର ମହିମା ବୃଦ୍ଧି କରିଛନ୍ତି। ■

ମୋ: ୯୪୩୭୫୭୪୬୪୯



# ଶ୍ରୀକ୍ଷେତ୍ରର ଅଷ୍ଟଚଣ୍ଡୀ



ପ୍ରାଧାପିକା ବାସନ୍ତୀ ଦେବୀ

ପୁରୁଷୋତ୍ତମ କ୍ଷେତ୍ର ବା ଉଡ୍ରପୀଠ, ପୀଠ ଚତୁଷ୍ଟୟ ମଧ୍ୟରେ ପ୍ରଥମ ଏବଂ ଓଡ୍ରେଶ ହେଉଛନ୍ତି ଶ୍ରୀଜଗନ୍ନାଥ। ଏହି କ୍ଷେତ୍ରର ଉପାସନା ତତ୍ତ୍ୱ, ଅର୍ଚ୍ଚନା ଓ ମାହାତ୍ମ୍ୟ ମଧ୍ୟରେ ଶକ୍ତିତତ୍ତ୍ୱ ପ୍ରଚ୍ଛନ୍ନ ଭାବରେ ଜଡ଼ିତ। ଯଥା – ଭଗବାନ ଶ୍ରୀକୃଷ୍ଣଙ୍କ ଭଗିନୀ ସୁଭଦ୍ରା ଦେବୀ କୃଷ୍ଣପ୍ରିୟା- ଶ୍ରୀରାଧା, ବିଷ୍ଣୁପ୍ରିୟା- ମହାଲକ୍ଷ୍ମୀ, ଯୋଗମାୟାଙ୍କୁ ବିମଳା ରୂପେ ଗ୍ରହଣ କରାଯାଇଥିବା ଶାସ୍ତ୍ରାନୁମୋଦିତ। ପରମ ଶକ୍ତିମୟୀ ଦେବୀ ଗୌରୀ, ମା' ଲକ୍ଷ୍ମୀଙ୍କ ଆଦେଶରେ ନିଜକୁ ଅଷ୍ଟପ୍ରକାର ମୂର୍ତ୍ତି ଧାରଣ କରି ଶ୍ରୀକ୍ଷେତ୍ର ପୁରୀର ଅଷ୍ଟଦିଗରେ ଅବସ୍ଥାନ କରି ଅଛନ୍ତି। ଏହି ଆଠଜଣ ଶକ୍ତିଶାଳୀ ଦେବୀମାନେ ଏକ୍ଷେତ୍ରରେ ରୁଣ୍ଡୀଭୂତହୋଇ ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ପାଇଁ ଜାଗ୍ରତପ୍ରହରୀ ସ୍ୱରୂପା। ଏହି ଦେବୀମାନେ ଏକ୍ଷେତ୍ରକୁ ଦୁଷ୍ଟଗ୍ରହ ଏବଂ ଦୈବୀ ଦୁର୍ବିପାକରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କ ଅନ୍ତର୍ବେଦୀକୁ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷା ଦେଇଥାନ୍ତି। ମହାପ୍ରଭୁଙ୍କୁ ସମସ୍ତ ଆନନ୍ଦ ଦେବା ସହିତ ମହାପ୍ରଭୁଙ୍କ ସେବା, ପୂଜାନୀତି, ପର୍ବପର୍ବାଣି ପ୍ରଭୃତିରେ ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ସର୍ବଦା ସଜାଗ ହୋଇ ରହିଥାନ୍ତି। ଏହି ଉଗ୍ରରୂପା ଅଷ୍ଟଶକ୍ତିମାନେ ଅଷ୍ଟଚଣ୍ଡୀ ନାମରେ ପରିଚିତା। ଯଥା - ବଟମୂଳରେ ମଙ୍ଗଳା, ପଶ୍ଚିମରେ ବିମଳା, ଶଙ୍ଖ କ୍ଷେତ୍ରର ପୃଷ୍ଠଭାଗ ବାୟୁକୋଣରେ ସର୍ବମଙ୍ଗଳା, ଉତ୍ତର ଦିଗରେ ଅର୍ଦ୍ଧାଶନୀ ଓ ଆଲମ୍ବା, ଦକ୍ଷିଣରେ କାଳରାତ୍ରୀ, ପୂର୍ବ ଦିଗରେ ମରୀଚିକା ଓ କାଳରାତ୍ରିଙ୍କ ପଶ୍ଚାତଭାଗରେ ନୈଋତ କୋଣରେ ଦେବୀ ଚଣ୍ଡରୂପା। ଏହି ଦେବୀମାନେ ଉଗ୍ରରୂପା ହୋଇଥିବାରୁ ଏମାନଙ୍କୁ ଚଣ୍ଡୀ ବୋଲି କୁହାଯାଇଥାଏ।



## ବଟମୂଳରେ ମଙ୍ଗଳା

ଶ୍ରୀମନ୍ଦିର ଭିତର ବେଢ଼ାସ୍ଥ କଳ୍ପବଟ ମୂଳରେ ଦେବୀ ମଙ୍ଗଳାଙ୍କ ଭବ୍ୟ ଆସ୍ଥାନ ଅବସ୍ଥିତ। ଦୁର୍ଗା ଦେବୀଙ୍କ ଦକ୍ଷିଣ ନେତ୍ରରୁ ସମ୍ଭୂତା ମା' ମଙ୍ଗଳା ସର୍ବମଙ୍ଗଳକାରିଣୀ, ସର୍ବବିଘ୍ନ ବିନାଶିନୀ ଏବଂ ପଶ୍ଚିମାଭିମୁଖୀ। ପରମ ବୈଷ୍ଣବୀ, ଶରଣଦାତ୍ରୀ ମା' ବଟମଙ୍ଗଳା କଳ୍ପବଟ ମୂଳରେ ବିରାଜମାନ କରିଥିବାରୁ ଭକ୍ତମାନଙ୍କର ସକଳ କାମନା ପୂରଣ କରନ୍ତି ଏବଂ ତାଙ୍କ ଧ୍ୟାନବଳରେ ସମସ୍ତ ପ୍ରକାର ସଂକଟ ଦୂର ହୁଏ। ଅତ୍ୟନ୍ତ ନିବିଡ଼ ସମ୍ପର୍କ ରହିଥିବା ହେତୁ ବଟମଙ୍ଗଳା ଏବଂ ବିମଳାଦେବୀ ପରସ୍ପର ଉଭୟଙ୍କୁ ଦୃଷ୍ଟିପାତ କରିଥାନ୍ତି। ସେ ଶ୍ରୀମନ୍ଦିରର ନୀଳଚକ୍ର ପ୍ରତି ମଧ୍ୟ ଦୃଷ୍ଟିପାତ କରିଥାନ୍ତି।

**ମନ୍ଦିର** : ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ପ୍ଲଟ୍ ନମ୍ବର ୯୭ରେ ଅବସ୍ଥିତ ମନ୍ଦିରଟି ପଞ୍ଚଦଶ ଶତାବ୍ଦୀରେ ନିର୍ମିତ ବୋଲି ଗବେଷକଙ୍କ ମତ। ପ୍ରାଚୀନ ମନ୍ଦିରର କ୍ଷୁଦ୍ରକାୟ ଗର୍ଭଗୃହ ବା ବିମାନ ମଧ୍ୟ ଭାଗରେ ଏକ ପ୍ରସ୍ତର ନିର୍ମିତ ସିଂହାସନ ଉପରେ ବିଭାଜିତ, ଅତ୍ୟନ୍ତ କମନୀୟ ପାଷାଣ ନିର୍ମିତ ଦେବୀ ତ୍ରିନେତ୍ର ଏବଂ ଚତୁର୍ଭୁଜା। ଡାହାଣ ଉପର ହସ୍ତରେ ଗଦା, ନିମ୍ନହସ୍ତରେ ଅଭୟମୁଦ୍ରା, ବାମ ଉପର ହସ୍ତରେ ତ୍ରିଶୂଳ ଓ ନିମ୍ନ ହସ୍ତରେ ବରଦ ମୁଦ୍ରା ଶୋଭିତା। ବିଗ୍ରହଙ୍କ ଉଚ୍ଚତା ପ୍ରଭା ସହ ସାଢ଼େ କୋଡ଼ିଏ ଇଞ୍ଚ, ମୂର୍ତ୍ତି ଉଚ୍ଚତା ସାଢ଼େ ଷୋହଳ ଇଞ୍ଚ, ଏବଂ ପ୍ରସ୍ଥ ସାଢ଼େ ଚଉଦ ଇଞ୍ଚ।

ଗର୍ଭଗୃହର ଦ୍ୱାରଦେଶର ଉଭୟ ପାର୍ଶ୍ୱରେ ଗଙ୍ଗା ଓ ଯମୁନାଙ୍କ ବିଗ୍ରହ ଏବଂ ସେମାନଙ୍କ ଉପରେ ବ୍ୟାଘ୍ର ମୁଖୀ ଓ ସିଂହାମୁଖୀ ପ୍ରତିମା ଏବଂ ତତ୍ ଉପରେ ନବଗ୍ରହଙ୍କ ମୂର୍ତ୍ତି, ଏମାନଙ୍କ ଉପରେ ଏକ କ୍ଷୁଦ୍ର ମଙ୍ଗଳା ଦେବୀଙ୍କ ମୂର୍ତ୍ତି ଅଧିଷ୍ଠିତା। ମନ୍ଦିରଟିକୁ ପ୍ରବେଶ ନିମିତ୍ତ ପଶ୍ଚିମ ଓ ଉତ୍ତରପଟକୁ ଦୁଇଟି କ୍ଷୁଦ୍ରଦ୍ୱାର ରହିଅଛି। ଦ୍ୱାରଦେଶର ସମ୍ମୁଖଭାଗରେ ଥିବା ସ୍ତମ୍ଭରେ ଏକ ସିଂହ ମୂର୍ତ୍ତି ଏବଂ ମନ୍ଦିରର ବାହାରପଟ ଉଭୟପାର୍ଶ୍ୱସ୍ଥ କାନ୍ଥରେ ମା' ସଂକଟ ତାରିଣୀଙ୍କ ଏକ କ୍ଷୁଦ୍ରମୂର୍ତ୍ତି ପୂଜା ପାଉଛନ୍ତି।

ପ୍ରତ୍ୟହ ଦୈନନ୍ଦିନ ନୀତିରେ ପ୍ରାତଃକାଳର ମଙ୍ଗଳ ଆଳତି, ମଇଲମ, ଅବକାଶ, ବେଶ, ସକାଳଧୂପ, ମାଜଣା, ଭୋଗ, ସନ୍ଧ୍ୟାଧୂପ, ମଇଲମ, ପଇଡ଼ ଭୋଗ ପରେ ପହୁଡ଼ ଆଳତି ଓ ପହୁଡ଼ ନୀତି ହୋଇ ମନ୍ଦିର ଦ୍ୱାର ବନ୍ଦ କରାଯାଇଥାଏ। ଆଶ୍ୱିନ ମାସରେ ଷୋଳପୂଜା, କାଳୀପୂଜା, ଓଢ଼ଣ ଷଷ୍ଠୀ, କୁମାର ପୂର୍ଣ୍ଣିମା, ଶିବରାତ୍ରି ଓ ଦୋଳପୂର୍ଣ୍ଣିମାରେ ମା'ଙ୍କର ବିଶେଷ ନୀତିମାନ ଅନୁଷ୍ଠିତ ହୁଏ। ଷୋଡ଼ଶ ଦିନାତ୍ମକ ପୂଜା ଅବସରର ମା'ଙ୍କର ବିଭିନ୍ନ ମନୋରମ ବେଶ ଅନୁଷ୍ଠିତ ହୋଇଥାଏ। କଳ୍ପବଟକୁ ପ୍ରଣାମ କରି ମା' ମଙ୍ଗଳାକୁ ଦର୍ଶନ କରି ଭକ୍ତମାନେ ଅଶେଷ କୃପାପ୍ରାପ୍ତ ହୋଇଥାନ୍ତି।





## ଦେବୀ ବିମଳା

ମତ୍ସ୍ୟପୁରାଣ, ପଦ୍ମପୁରାଣ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ଦେବୀ ଭାଗବତ, କପିଳ ସଂହିତା ପ୍ରଭୃତି ଗ୍ରନ୍ଥରେ ପରମ ଶକ୍ତିମୟୀ ମା' ବିମଳାଙ୍କ ବର୍ଣ୍ଣନା କରାଯାଇଛି । ମା' ବିମଳାଙ୍କ ସହିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଅଛି ନିବିଡ଼ ସମ୍ପର୍କ । ଏହି କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କୁ ରାଜରାଜେଶ୍ୱର ଓ ପୃଥିବୀର ଶ୍ରେଷ୍ଠ ଆଦିମାତା ମା' ବିମଳାଙ୍କୁ କ୍ଷେତ୍ରେଶ୍ୱରୀ, ରାଜରାଜେଶ୍ୱରୀଙ୍କ ଅଧିଷ୍ଠାତ୍ରୀ ଦେବୀ ବୋଲି କୁହାଯାଏ ।  'ମାଦଳାପାଞ୍ଜି'ରୁ ଜଣାଯାଏ ଯଯାତି କେଶରୀଙ୍କ ୫୯ ଅଙ୍କ ମେଷ ୨୫ ଦିନ ୧୮ ହାତ ଉଚ୍ଚତା ବିଶିଷ୍ଟ ମା' ବିମଳାଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା । 'ସ୍କନ୍ଦ ପୁରାଣ'ରେ ବର୍ଣ୍ଣିତ ଅଛି ଯେ, ଶଙ୍ଖାକାର ଶ୍ରୀକ୍ଷେତ୍ର ପୁରୀର ତୃତୀୟ ଆବର୍ତ୍ତସୀମାରେ ଥିବା ବିମଳା ଦେବୀ ଭୁକ୍ତି ଓ ମୁକ୍ତିଦାୟିନୀ ।

**ମନ୍ଦିର** : ଶ୍ରୀମନ୍ଦିରରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତା ଦେବୀ ବିମଳାଙ୍କ ମନ୍ଦିର ରେଖ ଶ୍ରେଣୀୟ ୬୦ ଫୁଟ୍ ଉଚ୍ଚତା ବିଶିଷ୍ଟ ।  ଏହି ମନ୍ଦିରଟି ରୋହିଣୀ କୁଣ୍ଡ ସମୀପସ୍ଥ ବୃଷଭ ମୂର୍ତ୍ତିର ସମ୍ମୁଖ ଭାଗରେ ଅବସ୍ଥିତ । ବଉଳମାଳା ପଥରରେ ନିର୍ମିତ ଉକ୍ତ ମନ୍ଦିରଟି ତିନି ଭାଗରେ ବିଭକ୍ତ । ଯଥା- ବିମାନ, ଜଗମୋହନ ଓ ନାଟ ମଣ୍ଡପ । ଗର୍ଭଗୃହର ମଧ୍ୟଭାଗରେ ନିର୍ମିତ ପୀଠ ଉପରେ ସୁଦୃଶ୍ୟ ବିଗ୍ରହ କଳାମୁଗୁନି ପଥରରେ ନିର୍ମିତ । ପ୍ରାୟ ପାଞ୍ଚଫୁଟ ଉଚ୍ଚତା ବିଶିଷ୍ଟ ମଣିମୟ ଦେବୀ ବିମଳା ଦଣ୍ଡାୟମାନା ଭଙ୍ଗୀରେ ଅବସ୍ଥାନ କରୁଅଛନ୍ତି ।

ତ୍ରିନେତ୍ରା ଏବଂ ଚତୁର୍ଭୁଜା ମା' ବିମଳାଙ୍କର ଉପର ବାମହସ୍ତରେ ସମସ୍ତ ଜୀବଜଗତ  ଶ୍ରେଷ୍ଠଜୀବ ମାନବ, ଉପର ଦକ୍ଷିଣହସ୍ତରେ ମାୟା ରୂପକ ନାଗକୁଣ୍ଡଳୀ, ତଳବାମ ହସ୍ତରେ ସୁଧାପାତ୍ର ଓ ତଳ ଦକ୍ଷିଣ ହସ୍ତରେ ଯୋଗ ରୂପକ ଅକ୍ଷମାଳାଦି ଧାରଣ କରିଛନ୍ତି । ମା'ଙ୍କର ଦକ୍ଷିଣ ପାର୍ଶ୍ୱରେ ମାୟା ଓ ବାମପାର୍ଶ୍ୱରେ ଛାୟାଦେବୀ, ବିମାନର ଦ୍ୱାରବନ୍ଧ ଉପର ତୋରଣରେ ଲକ୍ଷ୍ମୀ ଓ ଅଧୋଦେଶରେ ଦ୍ୱାରପାଳଭାବେ ପ୍ରଚଣ୍ଡ ଭୈରବ ଓ ଚଣ୍ଡ ଭୈରବ, ପାର୍ଶ୍ୱଦେବୀ, ଷୋଡ଼ଶ ମାତୃକା ଏବଂ ଯୋଗିନୀଗଣ ପ୍ରଭୃତିଙ୍କର ୪୪ ଗୋଟି ଚିତ୍ର ଅଙ୍କିତ ହୋଇଛି ।

ମା'ଙ୍କର ସ୍ୱତନ୍ତ୍ର ରୋଷଘର ନାହିଁ । ଶ୍ରୀଜଗନ୍ନାଥଙ୍କ ବଲ୍ଲଭଭୋଗ ପରେ ମା'ଙ୍କୁ ଗୋଟିଏ ଥାଳିରେ ବଲ୍ଲଭଭୋଗ, ଖଇ କୋରା ପ୍ରଭୃତି ସକାଳ ଧୂପରୁ ମହାଦେଈ ଖେଚୁଡ଼ି ଥାଳି, ଦ୍ୱିପହରର ଧୂପରୁ ଓରିଆ ଥାଳି, ମରିଚ ପାଣି, ମାଠ ପୁଳି, ବାଇଗଣ ତରକାରି, ପଣା ଆଦି ସନ୍ଧ୍ୟା ଧୂପରୁ ପଖାଳ, ସାକରା, ଅମାଲୁ ଆଦି । ବଡ଼ ସିଂହାର ଧୂପରୁ କଦଳୀ ବଡ଼ା, ଚଡ଼େଇ ନଦା, କଅଁଳପୁଳି ଆଦି ସହିତ ମାଟିଓଳିରେ ଘଷା ଜଳ, ପହୁଡ଼ ସମୟରେ ଗୋଟିଏ ପଇଡ଼ ମଧ୍ୟ ସମର୍ପିତ ହୋଇଥାଏ । ସମସ୍ତ ଦେବଦେବୀଙ୍କର ପହୁଡ଼ ସରିବା ପରେ  ମା' ବିମଳାଙ୍କ ବଡ଼ ସିଂହାର ବା ପହୁଡ଼ ହୋଇଥାଏ ।  ପବିତ୍ର ଶ୍ରୀକ୍ଷେତ୍ରରେ ଦେବୀ ସତୀଙ୍କର ପାଦ ଏବଂ ନାଭିଅଂଶ ପଡ଼ିଥିବାରୁ ଏହା ଏକ ପ୍ରସିଦ୍ଧ ଭୈରବ ପୀଠ । ସୁତରାଂ ଏଠାରେ ମହାପ୍ରଭୁ ଭୈରବ ଏବଂ ବିମଳା ଭୈରବୀ ଭାବରେ ପୂଜା ପାଉଛନ୍ତି । ଷୋଳ ପୂଜା ଅବସରରେ ବିମଳା ଦେବୀଙ୍କର ୧୧ଟି ବେଶ ଅନୁଷ୍ଠିତ ହୋଇଥାଏ ।

## ଦେବୀ ସର୍ବମଙ୍ଗଳା

ଶଙ୍ଖ କ୍ଷେତ୍ରର ପୃଷ୍ଠଭାଗ ବିମାନବଡୁ ସାହି ମୁଣ୍ଡରେ ପରମକଲ୍ୟାଣମୟୀ ଦେବୀ ସର୍ବମଙ୍ଗଳା ଅବସ୍ଥାନ କରୁଅଛନ୍ତି । ସୁନ୍ଦର କାରୁକାର୍ଯ୍ୟମୟ ମା'ଙ୍କ ମନ୍ଦିରର ଉଚ୍ଚତା ପ୍ରାୟ ୩୦ ଫୁଟ । ବିମାନ, ଜଗମୋହନ ଓ ମୁଖଶାଳା ଏହିପରି ମନ୍ଦିରଟି ତିନି ଭାଗରେ ବିଭକ୍ତ । ଗର୍ଭଗୃହ ଭିତରେ ରମଣୀୟ ପ୍ରସ୍ତର ନିର୍ମିତ ସିଂହାସନ ଉପରେ ମା' ବିରାଜିତା । କଳା ମୁଗୁନି ପଥରରେ ନିର୍ମିତ ମା'ଙ୍କ ଉଚ୍ଚତା ପ୍ରାୟ ଦୁଇ ଫୁଟ୍ । କମନୀୟ ପ୍ରସ୍ତର ନିର୍ମିତ ପଦ୍ମଫୁଲ ଉପରେ ଦେବୀ ପଦ୍ମାସନରେ ଆସୀନା ଦେବୀ ଦ୍ୱିନେତ୍ରା ଏବଂ ଚତୁର୍ଭୁଜା । ଉପର ଦକ୍ଷିଣ ହସ୍ତରେ ଅଙ୍କୁଶ ଏବଂ ବାମ ହସ୍ତରେ ପଦ୍ମଫୁଲ, ନିମ୍ନ ଦକ୍ଷିଣ ହସ୍ତରେ ବରଦ ମୁଦ୍ରା ଓ ବାମ ହସ୍ତରେ ଅଭୟ ମୁଦ୍ରା, ମଥାରେ ସୁବର୍ଣ୍ଣ ଚିତା । ସହାସ୍ୟବଦନା ମା' ପୂର୍ବଦିଗାଭିମୁଖୀ ।

ମନ୍ଦିର ଜଗମୋହନରେ ପ୍ରବେଶ ଦ୍ୱାର କାନ୍ଥରେ ଛାୟା ଓ ମାୟା । କାନ୍ଥରେ ଦେବୀ ଦୁର୍ଗାଙ୍କର ଚତୁର୍ଭୁଜା, ଅଷ୍ଟଭୁଜା ଓ ଦଶଭୁଜା ମୂର୍ତ୍ତି ଚିତ୍ରିତ । ବ୍ୟାଘ୍ରମୁଖୀ ଏବଂ ସିଂହମୁଖୀ, ମୁଖଶାଳା ଚଟାଣରେ ପ୍ରସ୍ତର ନିର୍ମିତ ଦେବୀଙ୍କ ବାହନ ସିଂହ ଅବସ୍ଥାନ କରୁଛନ୍ତି । ଦେବୀ ତିନି ପାଦରେ ବସିଥିବା ବେଳେ ଗୋଟିଏ ପାଦ ଟେକି ରଖିଛନ୍ତି । ମୁଖଶାଳା ଦକ୍ଷିଣ ପଟ କାନ୍ଥରେ ଶିବଯୁକ୍ତ ମହାକାଳୀଙ୍କର ମୂର୍ତ୍ତି ରହିଛନ୍ତି । ବାମପାର୍ଶ୍ୱରେ କ୍ଷୁଦ୍ର ତ୍ରିନାଥ ମନ୍ଦିର, ମୁଖଶାଳା ତୋରଣରେ ଗରୁଡ଼ାରୂଢ଼ା ନାରାୟଣୀ ଦେବୀ ଏବଂ ତୋରଣର ଉଭୟ ପାର୍ଶ୍ୱରେ ଗଙ୍ଗା ଓ ଯମୁନା ବିଦ୍ୟମାନ ।

**ଦୈନନ୍ଦିନ ନୀତି ଓ ପର୍ବପର୍ବାଣି** : ପ୍ରତ୍ୟହ ପ୍ରାତଃକାଳରେ ମା'ଙ୍କର ମଙ୍ଗଳ ଆଳତି, ସ୍ନାନ, ଅବକାଶ, ଶୀତଳ ଭୋଗ, ରାତ୍ରିରେ ଶୀତଳ ଭୋଗ ପରେ ଆଳତି କରାଯାଇ ଶ୍ରୀ ମହାପ୍ରସାଦ ସମର୍ପଣ କରାଗଲା ପରେ ମା'ଙ୍କର ପହୁଡ଼ ନୀତି ସମ୍ପନ୍ନ ହୋଇଥାଏ । ପରମବୈଷ୍ଣବୀ ମା'ଙ୍କୁ ପ୍ରତ୍ୟହ ଅନ୍ନ ଭୋଗ ଲାଗେ ନାହିଁ । ଆଶ୍ୱିନ ମାସର ଷୋଳ ପୂଜାରେ ପ୍ରତ୍ୟହ ବିଭିନ୍ନ ପ୍ରକାର ବେଶ, ଶେଷ ତିନି ଦିନ ସଙ୍ଖୁଡ଼ି ଭୋଗ, ଷୋଳଦିନ ଯାକ ଚଣ୍ଡୀ ପାଠ ହୁଏ । ଏହି ଦେବୀ ବିମାନବଡୁ ନିଯୋଗର ଆରାଧ୍ୟ ଦେବୀ ଅଟନ୍ତି ।

## ଦେବୀ ଅର୍ଦ୍ଧାଶନୀ

ସିଂହ ଦ୍ୱାରରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯିବା ବାଟରେ ବଡ଼ଦାଣ୍ଡରେ ଦଇତାପଡ଼ା ସାହିର ପାର୍ଶ୍ୱରେ ବଳଗଣ୍ଡି ପୂର୍ବରୁ ଏହି ମନ୍ଦିର ପଡ଼େ । ସାହାଣ ପଥରରେ ନିର୍ମିତ ଦ୍ୱିଭୁଜା ଅର୍ଦ୍ଧାଶନୀଙ୍କର ରମଣୀୟ ବିଗ୍ରହର ଉଭୟ ପାର୍ଶ୍ୱରେ ପାର୍ଶ୍ୱଦେବୀ ଛାୟା ଓ ମାୟାଙ୍କ ମୂର୍ତ୍ତି ରହିଛି । ମୂର୍ତ୍ତିର କଟିଦେଶ ଉପର ଅଂଶକୁ ଆଚ୍ଛାଦିତ କରି ଦେବୀ ସୁଭଦ୍ରାଙ୍କ ପରି ମୁଖ ରହିଛି । ଯାହା ବର୍ଷକୁ ୨ ଥର ଆଶ୍ୱିନ ଏବଂ ଆଷାଢ଼ ମାସରେ ବନକ ଲାଗି ହୁଅନ୍ତି । ଦେବୀ ସୁଭଦ୍ରାଙ୍କ ଅଙ୍ଗ ସମ୍ଭୂତା ହୋଇଥିବାରୁ ଅର୍ଦ୍ଧାଶନୀଙ୍କ ମୁଖାରବିନ୍ଦ ସୁଭଦ୍ରା ଦେବୀଙ୍କ ମୁଖ ସାଦୃଶ୍ୟ ଥିବା ଜଣାଯାଏ । ପୁଣି ସେ ଯଜ୍ଞପତ୍ନୀ ସ୍ୱାହାଙ୍କର ପ୍ରତୀକ ବିଗ୍ରହ । ଶ୍ରୀଜଗନ୍ନାଥଙ୍କ କଳ୍ପିତ ଜନକ ଯଜ୍ଞ ଯାହାଙ୍କ ଶକ୍ତି ଯୂପର ପ୍ରତୀକ ଅଟେ । ଏହି ଯୂପଙ୍କର ନାମ ଅର୍ଦ୍ଧଶୋଷଣା ବା ଅର୍ଦ୍ଧାଶନୀ । ସେହିଠାରେ ଯଜ୍ଞର ଉଦକ ଅର୍ପିତ ହୋଇଥିବାରୁ ତାଙ୍କର ଏପରି ନାମ ହୋଇ ଅଛି ।



ମହାପ୍ରଳୟରେ ବର୍ଦ୍ଧିତ ଜଳର ଅର୍ଦ୍ଧଭାଗ ଶୋଷଣ କରି ସୃଷ୍ଟି ସର୍ଜନାକାରିଣୀ, ଶକ୍ତି ଅର୍ଦ୍ଧାଶନୀ ନାମରେ ଖ୍ୟାତ । ସେ ଯୋଗମାୟା, ପୁରୁଷୋତ୍ତମଙ୍କର ପରାଶକ୍ତି ରୂପେ ଶ୍ରୀକ୍ଷେତ୍ରର ରକ୍ଷାକାରିଣୀ, ପୁଣି ଦଇତାପତିଙ୍କ ଇଷ୍ଟ ଦେବୀ ଏବଂ ଶ୍ରୀଜଗନ୍ନାଥଙ୍କ ମାଉସୀ ମା' ରୂପେ ଅଭିହିତା । ଏଣୁ ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ରଥ ତ୍ରୟ ଏହି ମନ୍ଦିର ପାଖରେ କିଛି ସମୟ ପାଇଁ ଅଟକି ଯାଆନ୍ତି ।  ନବଦିନାଙ୍କ ଯାତ୍ରା ସାରି ଫେରିଲା ବେଳକୁ ମହାପ୍ରଭୁଙ୍କୁ ରୀତି ଅନୁସାରେ, ମାଉସୀ ମା'ଙ୍କ ତରଫରୁ ପ୍ରିୟ ପୋଡ଼ପିଠା ନୈବେଦ୍ୟ କରାଯାଇଥାଏ ।

**ମନ୍ଦିର ଓ ଭୋଗ** : ମନ୍ଦିର ଦ୍ୱାରଦେଶରେ ବଡ଼ ଦାଣ୍ଡକୁ ମୁହଁ କରି ଦୁଇଟି ବଡ଼ ସିଂହ ବସିଛନ୍ତି । ଦେବୀଙ୍କ ସମ୍ମୁଖ ଭାଗରେ ଅଜ୍ଞାନରୂପୀ ଗଜକୁ ମାଡ଼ି ବସିଥିବା ମହାକେଶରୀଙ୍କ ବିଗ୍ରହ ଜ୍ଞାନମୟୀ ଦେବୀଙ୍କୁ ନିତ୍ୟ ଦର୍ଶନ କରୁଛି । ଜଗମୋହନରେ ଶିବ, ନୃସିଂହ, ହନୁମାନ, ଦୁର୍ଗା, ଦଶାବତାର, ଗଣେଶ, ଦଶମହାବିଦ୍ୟା, ଶିବପାର୍ବତୀ ଓ ନବଗ୍ରହ ଆଦି ଦେବଦେବୀଙ୍କ ସମେତ ଯଜ୍ଞେଶ୍ୱର ମୂର୍ତ୍ତି ମଧ୍ୟ ପୂଜା ପାଉଛନ୍ତି । ଦେବୀ ଦ୍ୱିଭୁଜା, ମାଳା ଓ ଅଭୟ ମୁଦ୍ରା ବିଭୂଷିତା । ବିଷ୍ଣୁଙ୍କର ପ୍ରିୟଦେବୀ, ସୌମ୍ୟବଦନା, ନାନାବସନ ଭୂଷଣରେ ଭୂଷିତା । ଏଠାରେ ଆମିଷ ଭୋଗ ହୁଏ ନାହିଁ କିମ୍ବା ପ୍ରତ୍ୟହ ଅନ୍ନ ଭୋଗର ବ୍ୟବସ୍ଥା ନାହିଁ । କେବଳ ଶୀତଳ ଭୋଗ କରାଯାଏ । ନୃସିଂହ ଚତୁର୍ଦ୍ଦଶୀ ଦିନ ଦେବୀଙ୍କର ମହାଭିଷେକ କରାଯାଇ ଫଳ, ଶୁଖିଲା ଭୋଗ କରାଯାଇଥାଏ । ପ୍ରତ୍ୟହ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ମହାପ୍ରସାଦ ଆସି ମା'ଙ୍କୁ ସମର୍ପଣ କରାଯାଏ । ଏହି ଦେବୀ ବନଦୁର୍ଗା ମନ୍ତ୍ରରେ ପୂଜା ପାଆନ୍ତି ।





ଦକ୍ଷିଣ ଭାଗରେ ବିମଳା, ବାମପାର୍ଶ୍ୱରେ ଭୁବନେଶ୍ୱରୀ, ବେଢ଼ାର ଦକ୍ଷିଣରେ ବାରାହୀ ପଶ୍ଚିମରେ ଗଣେଶ, ଉତ୍ତରରେ ନାରସିଂହୀ, ମନ୍ଦିର ଦ୍ୱାରସ୍ଥ ପାର୍ଶ୍ୱ ଦେବଦେବୀମାନେ ରହିଛନ୍ତି ।

**ଭୋଗ** : ଦକ୍ଷିଣ କାଳୀ ଟ୍ରଷ୍ଟ ପକ୍ଷରୁ ଦୈନିକ ଘୃତପାକ ତ୍ରିକାଳ ପୂଜାର ବ୍ୟବସ୍ଥା କରାଯାଇଛି । ଆଶ୍ୱିନ ମାସ ଷୋଳପୂଜା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୈନିକ ୫ଟି ମୁଆଁ, ଗୁଡ଼ ଖଇ, ଗୁଡ଼କୋରା, ସକାଳ ଧୂପ ଖେଚେଡ଼ି, ଏଣ୍ଡୁରି ଚଉଠେ, ଶାଗ, ମଧ୍ୟାହ୍ନ ଧୂପର ଓରିଆ ମରିଚି ପାଣି, ମୁଗ , ସନ୍ଧ୍ୟାଧୂପର ଦହିପଖାଳ, ଶାକର ନିୟମିତ ଅଦ୍ୟାବଧି ଆସୁଅଛି । ଷୋଳ ପୂଜା ସମୟରେ ରାଜାଙ୍କ ଦ୍ୱାରା ବରଣ ହୋଇଥିବା ବ୍ରାହ୍ମଣ ପ୍ରତ୍ୟହ ଚଣ୍ଡୀପାଠ, ମହାସପ୍ତମୀ, ଅଷ୍ଟମୀ, ନବମୀ ତିଥିରେ , କାର୍ତ୍ତିକ ମାସର କାଳୀ ପୂଜା ଦିନ ଏଠାରେ ସଙ୍ଖୁଡ଼ି ଓ ଆମିଷ ଭୋଗର ବ୍ୟବସ୍ଥା ରହିଛି । ଖଇ ଓ ଦହି ମା'ଙ୍କର ପ୍ରିୟ ଭୋଜ୍ୟ ରୂପେ ବିବେଚିତ ହୋଇ ସାହିର ଛୋଟ ପିଲାମାନଙ୍କୁ ବଣ୍ଟା ଯାଏ । ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ରୀତିନୀତି ସହ ମା' ଦକ୍ଷିଣକାଳୀ ଓତଃପ୍ରୋତ ଭାବରେ ଜଡ଼ିତା ।

ଶ୍ରୀମନ୍ଦିର ରୋଷଘରେ ମହାଲକ୍ଷ୍ମୀ ଠାକୁରାଣୀ ସୁଆର ମହାସୁଆର ସେବକମାନଙ୍କ ଦ୍ୱାରା ଅଦୃଶ୍ୟରେ ରହି ଷାଠିଏ ପଉଟି ରାନ୍ଧନ୍ତି ଏବଂ ମହାପ୍ରଭୁ ତାକୁ ଭୁଞ୍ଜନ୍ତି । କିନ୍ତୁ ରୋଷଘର ଚର୍ଚ୍ଚା କାର୍ଯ୍ୟ ଯଥା- ରୋଷ ସରଞ୍ଜାମ ଆସିବା, କଟା, ବଟା, ଚୂନାକୁଟାଦି ସମସ୍ତ କାର୍ଯ୍ୟକୁ ମା' ଦକ୍ଷିଣ କାଳୀ ତତ୍ତ୍ୱାବଧାନ କରନ୍ତି । ମା'ଙ୍କ ବିଶେଷତ୍ୱ ହେଲା ରୋଷଘରକୁ ପ୍ରତ୍ୟହ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିଲେ ରୋଷେଇ ପ୍ରସ୍ତୁତ ହୋଇଥାଏ, କିନ୍ତୁ ବର୍ଷକର ଗୋଟିଏ ଦିନମାତ୍ର ଯଥା- ଭାଦ୍ରବ ଅମାବାସ୍ୟା ବା ସପ୍ତପୁରୀ ଅମାବାସ୍ୟା ଦିନ ବିଷ୍ଣୁବଲ୍ଲଭ । ମା' ଦକ୍ଷିଣକାଳୀଙ୍କ ଆଜ୍ଞାମାଳ ସପ୍ତପୁରୀ ରୋଷଘରେ ଟଙ୍ଗା ଗଲା ପରେ ହିଁ ପୂର୍ବଦିନରୁ କୁମ୍ଭାର ବିଷୋୟୀମାନଙ୍କ ଦ୍ୱାରା ଆସିଥିବା ମା' ଆଲାମଚଣ୍ଡୀଙ୍କଠାରୁ ସାତ ଗୋଟି ତାଡ଼ରେ ସ୍ୱତନ୍ତ୍ର ସୁଆର ସେବକମାନେ ସାତଟି ଦ୍ରବ୍ୟରେ ପୁର ଦେଇ ସପ୍ତପୁରୀ ପ୍ରସ୍ତୁତ କରିଥାଆନ୍ତି, ଯାହା ମହାପ୍ରଭୁଙ୍କୁ ଭୋଗ ଲାଗି ହୋଇଥାଏ ।

## ଦେବୀ କାଳରାତ୍ରି ବା ଦକ୍ଷିଣକାଳୀ

ଶ୍ରୀମନ୍ଦିରର ପୂର୍ବ ଦକ୍ଷିଣ ଦିଗସ୍ଥ କାଳିକା ଦେବୀ ସାହିରେ ଦେବୀ କାଳରାତ୍ରି ବା ଦକ୍ଷିଣକାଳୀଙ୍କ ସ୍ୱତନ୍ତ୍ର ନିବାସ ବା ମନ୍ଦିର ଅବସ୍ଥିତ । 'ସ୍କନ୍ଧ ପୁରାଣ'ରେ ତାଙ୍କୁ 'କାଳରାତ୍ରିର୍ଦକ୍ଷିଣସ୍ୟାମ୍' ବୋଲି କୁହଯାଇଅଛି । ୫୦ ଫୁଟ୍ ଉଚ୍ଚତା ବିଶିଷ୍ଟ ସମ୍ମୁଖ ଭାଗ ପୂର୍ବ ଦିଗକୁ ରହିଥିବା ମନ୍ଦିରର ଗର୍ଭଗୃହରେ ପ୍ରସ୍ତର ନିର୍ମିତ ସିଂହାସନ ଉପରେ କଳା ମୁଗୁନି ପଥରର ନିର୍ମିତ, ପ୍ରାୟ ଦେଢ଼ ଫୁଟ ଉଚ୍ଚତା ଦେବୀ ଶବାସୀନା, ଚତୁର୍ଭୁଜା ତ୍ରିନେତ୍ର । ସର୍ବଦା ଚନ୍ଦନ ଲେପିତା ମୁଖାରବିନ୍ଦ, ମସ୍ତକରେ ଜୁଡ଼ା ଓ କିରୀଟ, ଦକ୍ଷିଣ ଉର୍ଦ୍ଧ୍ୱ ହସ୍ତରେ ଖଡ୍‌ଗ, ନିମ୍ନ ହସ୍ତରେ ଜାପାମାଳି, ବାମ ଉର୍ଦ୍ଧ୍ୱ ହସ୍ତରେ ଅମୃତପାତ୍ର । ନିମ୍ନହସ୍ତରେ ଆବକ୍ଷ ନୃମୁଣ୍ଡମାଳା, ବାମପାର୍ଶ୍ୱରେ ମହାକାଳ ଲିଙ୍ଗ, ମନ୍ଦିର ସମ୍ମୁଖ ଦ୍ୱାର

## ଦେବୀ ମରୀଚିକା

ବଡ଼ଦାଣ୍ଡର ବାମପାର୍ଶ୍ୱସ୍ଥ ମରୀଚି କୋଟ ଛକ ନିକଟରେ ପଶ୍ଚିମାଭିମୁଖୀ ମରୀଚିକା ବିରାଜମାନ କରିଛନ୍ତି । ବିମାନ, ଜଗମୋହନ ଓ ମୁଖଶାଳାରେ ବିଭକ୍ତ ୧୫ ଫୁଟ ବିଶିଷ୍ଟ ମନ୍ଦିରର ଗର୍ଭଗୃହ ମଧ୍ୟରେ ସିଂହାସନ ଉପରେ ପଶ୍ଚିମାଭିମୁଖୀ, କଳା ମୁଗୁନି ପଥରରେ ନିର୍ମିତ ୨ ଫୁଟ ଉଚ୍ଚତା ବିଶିଷ୍ଟ ଅଷ୍ଟଭୂଜା ଦେବୀ ମରୀଚିକା ଶବାରୂଢ଼ା, ମା'ଙ୍କ ଉର୍ଦ୍ଧ୍ୱ ଚତୁର୍ଭୁଜେ ଖଡ୍‌ଗ, ଶଙ୍ଖ, ଅଙ୍କୁଶ, ଜପାମାଳା ଏବଂ ନିମ୍ନ ଚତୁର୍ଭୁଜରେ ଗଦା, ଚକ୍ର, ତ୍ରିଶୂଳ ଏବଂ ଅମୃତ କଳସ ଶୋଭା ପାଉଛି । ମନ୍ଦିରରେ ମର୍କେଣ୍ଡେଶ୍ୱର ମହାଦେବ, ପଞ୍ଚମୁଖୀ ହନୁମାନ ଓ ଶ୍ରୀକୃଷ୍ଣ, ଦଶ ମହାବିଦ୍ୟା ପୂଜା ପାଉଛନ୍ତି । ମୁଖଶାଳାର ଦ୍ୱାରଦେଶରେ ଦୁଇଟି ସିଂହ, ଗଣେଶ, ସରସ୍ୱତୀ ଓ ଲକ୍ଷ୍ମୀ ମୂର୍ତ୍ତି ଉପରି ଭାଗରେ ରହିଛନ୍ତି ।

ଦୈନିକ ପ୍ରାତଃକାଳରେ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି ପରେ ଶୀତଳ ଭୋଗ, ଦ୍ୱିପହର ଧୂପରେ ଖେଚୁଡ଼ି, ମୁଗ ଲାଲମା, ପହୁଡ଼ ସମୟରେ ଛେନା ଭୋଗ, ଶ୍ରୀମହାପ୍ରସାଦ ସମର୍ପଣ, କର୍ପୂର ଆଳତି ପରେ ପହୁଡ଼ କରାଯାଇଥାଏ । ପ୍ରତି ମଙ୍ଗଳବାର ସନ୍ଧ୍ୟା ଆଳତି ବେଳେ ପଣା ଭୋଗ ଲାଗି ହୁଏ । ପରମ ବୈଷ୍ଣବୀ ମା'ଙ୍କ ପାଖରେ ଦୁର୍ଗୋତ୍ସବ ସମୟରେ ପ୍ରତ୍ୟହ ଚଣ୍ଡୀ ପାଠ ନିରାମିଷ, ଭୋଗ, ଶେଷ ୩ ଦିନ ଆମିଷରେ ଭୋଗ ହୋଇ ଛାୟା ମାୟାଙ୍କୁ ସମର୍ପଣ କରାଯାଏ । ନବରାତ୍ର ସମୟରେ ପ୍ରତ୍ୟେକ ମଙ୍ଗଳବାର ଦିନ ଆମିଷ ଭୋଗ ହୁଏ । ମହାପ୍ରଭୁଙ୍କ ବିଭିନ୍ନ ଯାନି ଯାତ୍ରା ଉପଲକ୍ଷ୍ୟେ ଠାକୁରମାନଙ୍କ ବାହାର ବିଜେ ସମୟରେ ମା'ଙ୍କ ମନ୍ଦିର ପକ୍ଷରୁ ପନ୍ତୀ ଭୋଗ କରାଯାଇଥାଏ । ମା'ଙ୍କୁ ଭୁବନେଶ୍ୱରୀ ମନ୍ତ୍ରରେ ପୂଜା କରାଯାଇଥାଏ



## ଦେବୀ ଆଲାମ ଚଣ୍ଡୀ



ଶ୍ରୀକ୍ଷେତ୍ରରେ ଐଶାନ୍ୟ କୋଣରେ ପୁରୀର ପ୍ରବେଶ ଦ୍ୱାରର ଅଠରନଳା ନିକଟସ୍ଥ କୁମ୍ଭାରପଡ଼ା ମୌଜାରେ ପୁରୀ ଭୁବନେଶ୍ୱର ରାସ୍ତାର ବାମପାର୍ଶ୍ୱରେ ଦେବୀ ଆଲମ୍ବା ବା ଆଲାମଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ । ମନ୍ଦିରର ବିମାନ ରେଖ ଶୈଳୀରେ ଏବଂ ମୁଖଶାଳାଟି ପୀଢ଼ ଶୈଳୀରେ ନିର୍ମିତ । ବିମାନର ଉଚ୍ଚତା ପ୍ରାୟ ୩୦ ଫୁଟ ଏବଂ ମୁଖଶାଳାର ଉଚ୍ଚତା ପ୍ରାୟ ୨୦ ଫୁଟ । ପ୍ରବେଶ ଦ୍ୱାରର ଖିଲାଣ ଉପରେ ନବଗ୍ରହଙ୍କ ମୂର୍ତ୍ତି, ଛୋଟ କାନ୍ଥମାନଙ୍କ ମଧ୍ୟରେ ହନୁମାନଙ୍କ ମୂର୍ତ୍ତି, ମୁଖଶାଳାର ବହିର୍ଦ୍ଦେଶରେ ମା'ଙ୍କର ବାହନ ସିଂହ ମୂର୍ତ୍ତି, ଦ୍ୱାର ଦେଶର ଉଭୟ କଡ଼ରେ ହସ୍ତୀ ଉପରେ ଆରୂଢ଼ ଦୁଇ ଗୋଡ଼ି ସିଂହ ରହି ଅଛନ୍ତି ।

ବିମାନ ମଧ୍ୟଭାଗରେ ଅତ୍ୟନ୍ତ କମନୀୟ କଳା ମୁଗୁନି ପଥରରେ ନିର୍ମିତା ଚତୁର୍ଭୁଜା ଦେବୀ ଏକ ସୁରମ୍ୟ ସିଂହାସନ ଉପରେ ଶବ ଉପରେ ଅବସ୍ଥାନ କରି ଗୋଟିଏ ପାଦ ତଳକୁ ଲମ୍ବାଇ ଉପବେଶନ କରିଛନ୍ତି । ଦେବୀ ବାମ ହସ୍ତରେ ତ୍ରିଶୂଳ, ଅନ୍ୟ ଏକ ହସ୍ତରେ ପାନପତ୍ର, ଦକ୍ଷିଣ ଭାଗ ହସ୍ତଦ୍ୱୟରେ ପାଶ ଅଙ୍କୁଶ ଓ ଅଭୟ ମୁଦ୍ରା ଧାରଣ କରିଛନ୍ତି । ମା' ତ୍ରିନୟନା ଏବଂ ତାଙ୍କ ଗଳାରେ ନର ମୁଣ୍ଡ ମାଳା ଶୋଭା ପାଉଛି ।

**ପର୍ବପର୍ବାଣି ଓ ଭୋଗ** : ଶାରଦୀୟ ଦୁର୍ଗା ପୂଜା ସମୟରେ ୧୬ ଦିନ ପର୍ଯ୍ୟନ୍ତ ସଙ୍ଖୁଡ଼ି ଭୋଗ, ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ଚଣ୍ଡୀପାଠ ପର ଷୋଡ଼ଶ ଉପଚାରରେ ପୂଜା, ପୋଡ଼ାବଳି ଦିଆଯାଏ । ଅନ୍ୟ ଦିନମାନଙ୍କରେ କେବଳ ବାଳ ଭୋଗ ପ୍ରଦାନ କରାଯାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ପର୍ବ ସହିତ ଆଲାମଚଣ୍ଡୀ ମନ୍ଦିର ଘନିଷ୍ଠ ଭାବରେ ସଂପୃକ୍ତ । ମହାପ୍ରଭୁଙ୍କ ମହାଦାରୁ ଉକ୍ତ ମନ୍ଦିର ସମ୍ମୁଖସ୍ଥ ରାସ୍ତା ଦେଇ ପୁରୀକୁ ଅଣାଯାଏ । ପରମ୍ପରାନୁଯାୟୀ ଦେବୀଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ପବିତ୍ର ଦାରୁ ପୁରୀର ଭିତରକୁ ଆସେ । ବିଶ୍ୱାସ କରାଯାଏ ଆଲାମଚଣ୍ଡୀ ହିଁ ଦାରୁମାନଙ୍କୁ ପବିତ୍ର କରାଇବାରେ ସର୍ବଶ୍ରେଷ୍ଠା । ଫଳରେ ଦାରୁମାନଙ୍କର ତ୍ରିମୂର୍ତ୍ତି ବିଗ୍ରହ ନିର୍ମାଣ କରିବାରେ କୌଣସି ବିଘ୍ନ ସୃଷ୍ଟି ହୁଏ ନାହିଁ । ସପ୍ତପୁରୀ ଅମାବାସ୍ୟା ପୂର୍ବଦିନ ଘଣ୍ଟଛତା କାହାଳି ସହ କୁମ୍ଭାର ବିଶୋଇ ସେବକମାନେ ବାଘ ମୁହାଁ ବାନ୍ଧି ସାତପୁରୀ ତାଡ଼ ଘେନି ଶ୍ରୀମନ୍ଦିର ଆଣନ୍ତି ଏବଂ ରୋଷ ବେହରଣଠାରେ ରଖନ୍ତି ।

## ଦେବୀ ଚଣ୍ଡରୂପା

କାଳରାତ୍ରିଙ୍କ ପଶ୍ଚାତ୍ ଭାଗରେ ଦେବୀ ଚଣ୍ଡରୂପା ଏବଂ ତାଙ୍କ ସମ୍ମୁଖରେ କାଳିକା ରହିଛନ୍ତି :-

**"କାଳରାତ୍ର୍ୟାସ୍ତଥା ପଶ୍ଚାତ୍ ଚଣ୍ଡରୂପା ବ୍ୟବସ୍ଥିତାଃ ।"** (ସ୍କନ୍ଧ ପୁରାଣ)

ପୁଣି

**"ଚାମୁଣ୍ଡାୟା ପୁରୋଭାଗେ କାଳିକା ତାପ ନାଶିକା ।"** (ନୀଳାଦ୍ରି ମହୋଦୟ)

ହରଚଣ୍ଡୀ ସାହି ଆଖଡ଼ା ନିକଟରେ ଚାମୁଣ୍ଡା ଦେବୀ 'ଚାମଣ୍ଡା ମୁଣ୍ଡି' ବୋଲି ଲୋକେ କହିଥାନ୍ତି । ଶବ ଉପରେ ଛନ୍ଦାୟିତା ଠାଣିରେ ଦଣ୍ଡାୟମାନ ଦେବୀ ଚତୁର୍ଭୁଜା ଏବଂ ତାଙ୍କ ହସ୍ତରେ ଖଡ୍‌ଗ, ଢାଲ, ଖର୍ପର ଓ ତ୍ରିଶୂଳ, ଗଳାରେ ମୁଣ୍ଡମାଳା ଶୋଭାପାଉଛି । ମୂଳ ଉଗ୍ରରୂପୀ ଦେବୀ ବର୍ତ୍ତମାନ ଶାନ୍ତ ମୂର୍ତ୍ତିର ପଶ୍ଚାଦ୍‌ଭାଗରେ ରହିଛନ୍ତି ।

ଓଡ଼ିଶୀ ସଙ୍ଗୀତର ଅନ୍ତୁଡ଼ିଶାଳା ଭାବେ ପରିଚିତ ମନ୍ଦିରଟି ବିମାନ, ଜଗମୋହନ ଓ ନାଟମଣ୍ଡପ ଏହିପରି ତିନି ଭାଗରେ ବିଭକ୍ତ । ଏହି ଅଷ୍ଟାଚଣ୍ଡୀଙ୍କ ଦର୍ଶନ ଓ କୀର୍ତ୍ତନ କଲେ ମନୁଷ୍ୟର ସମସ୍ତ ପାପକ୍ଷୟ ଓ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୋଇଥାଏ ।

**ଏତାସାମଷ୍ଟ ଶକ୍ତି ନାଂ ଦର୍ଶନାତ୍‌କୀର୍ତ୍ତ ନାଉଥା**
**ନଶ୍ୟନ୍ତି ସର୍ବପାପାନି ହୟମେଧଫଂଲଂଲଭେତ୍ ।** (ସ୍କନ୍ଧ ପୁରାଣ-୪/୫୦) ■

ମାଟି ମଣ୍ଡପ ସାହି, ପୁରୀ



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## କ୍ଷେତ ବାଡ଼ ଖାଇଲେ ଜଗିବ କିଏ?

ଆମ ଯୋଗାଣ ମନ୍ତ୍ରୀ କୃଷ୍ଣ ବାବୁ ଭୂମିପ୍ରେମୀ ବୋଲି ସମସ୍ତେ ଜାଣନ୍ତି । ରାଜ୍ୟରେ ପଦ୍ମ ଦଳ କ୍ଷମତାକୁ ଆସିବା ପରେ ଢେଙ୍କାନାଳ ତହସିଲ ଅଧୀନସ୍ଥ ଯତନନଗର ଓ ସିମିଳିଆ ମୌଜାରେ ପାଖାପାଖି ୫୦ ଏକରରୁ ଅଧିକ ପାହାଡ଼, ପର୍ବତ, ତଇଳା କିସମ ଜମି କୃଷ୍ଣବାବୁ ନିଜ ନାଁରେ କରି ନେଇଥିବା କିଛି ଲୋକ ଅଭିଯୋଗ କରିଥିଲେ । ଯା ପରେ କ'ଣ ଘଟିଲା, ସେ କଥା ଆମକୁ ମାଲୁମ୍ ନାହିଁ । ମାତ୍ର ରାଜ୍ୟ ସରକାରରେ ଆଉ ଜଣେ ଭୂମିପ୍ରିୟ ଟାଣୁଆ ମନ୍ତ୍ରୀ ଯେ ଅଛନ୍ତି, ସେ କଥା ଏବେ ଆମକୁ ଜଣା ପଡ଼ିଛି । ନିଜକୁ ଗୋ-ସେବକ ବୋଲାଉଥିବା ଗୋକୁଳାନନ୍ଦଙ୍କଠାରୁ ଅଧିକ ଗୋସେବୀ ବୋଲି ପ୍ରମାଣିତ କରିବାକୁ ବିଭୂତି ନୂଆଗାଁ ମୌଜାରେ ଗୋଟେ ଗୋଶାଳା ନିର୍ମାଣ କରିବା ଲାଗି ପ୍ରାୟ ତିରିଶି ଏକରରୁ ଅଧିକ ଗୋଚର, ପାହାଡ଼, ଜଳାଶୟ, ଛୋଟ ଜଙ୍ଗଲ କିସମ ଜମିକୁ ପାଚେରୀ ଘେରାଇ ଦଖଲ କରି ନେଇଛନ୍ତି । ଏପରିକି ଏହି ଜବରଦଖଲ ଅଞ୍ଚଳକୁ ସରକାରୀ ଧନରେ ଗୋଟେ ରାସ୍ତା ନିର୍ମାଣ ପାଇଁ ବି ଯୋଜନା ହୋଇଛି । ଏ କଥା ଶୁଣିବା ପରେ ଅନେକ ଲୋକଙ୍କ ଅକଲ ଗୁଡୁମ୍, ରାଜସ୍ୱ ମନ୍ତ୍ରୀ ସୁରେଶ ବାବୁଙ୍କ ଅବସ୍ଥା ଢିଲା । ରାଜସ୍ୱ ବିଭାଗର ମଙ୍ଗ ଧରିବା ଦିନଠାରୁ ସୁରେଶ ବାବୁଙ୍କ ସବୁଠାରୁ ପ୍ରିୟ ସ୍ଲୋଗାନରେ ପରିଣତ ହୋଇଛି 'ଜବରଦଖଲ ଉଚ୍ଛେଦ' । ଯିଏ ଯେଉଁଠି ଜବରଦଖଲ କରିଛି, ସବୁଠି ବୁଲ୍‌ଡ଼ୋଜର ଚଳାଇବେ ବୋଲି ସୁରେଶବାବୁ ଦୃପ୍ତ କଣ୍ଠରେ ବିଭିନ୍ନ ସ୍ଥାନରେ କହିଥିବା ଆମେ ଶୁଣିବାକୁ ପାଇଛୁ । ମାତ୍ର ଯେଉଁଠି ତାଙ୍କର ସହଯୋଗୀ ମନ୍ତ୍ରୀ ଜବରଦଖଲର ମୁଖ୍ୟ ପୁରୋଧା, ସେଠାରେ ସୁରେଶ କହିବେ କାହାକୁ ? ବାଡ଼ କ୍ଷେତ ଖାଇଲେ ଜଗିବ କିଏ ?



## ଓସ୍କାର ପାଇବେ ନୀଳଗିରି ନାଥ

ପଦ୍ମନେତା ତଥା ନୀଳଗିରି ନାଥ ଗୁଣବନ୍ତ ସନ୍ତୋଷଙ୍କୁ ତାଙ୍କ ଅଞ୍ଚଳବାସୀ ଯେତେ ଭଲ ପାଆନ୍ତି, ଆଉ କାହାକୁ ସେତେ ଭଲ ପାଆନ୍ତି ନାହିଁ । ଖାଲି ନୀଳଗିରିବାସୀ କାହିଁକି, ଖାକି ମୁଖିଆ ବି ସନ୍ତୋଷଙ୍କୁ ଆପଣାର ମଣନ୍ତି । ଯଦି ନୀଳଗିରିବାସୀ ଭଲ ପାଉ ନ ଥାନ୍ତେ, ତେବେ ସନ୍ତୋଷ କ'ଣ ଗଲା ଭୋଟରେ ଜିତି ଥାଆନ୍ତେ ? ଖାକି ମୁଖିଆ ଯଦି ତାଙ୍କୁ ଆଦର କରୁ ନ ଥାନ୍ତେ, ତେବେ ସିଏ ପ୍ରୟୋଗ କରିଥିବା ଅପଶବ୍ଦ ପାଇଁ ତ ଜେଲ୍ ଭିତରେ ଥାଆନ୍ତେ । ସୋସିଆଲ ମିଡ଼ିଆରେ କିଏ କ'ଣ ଯଦି ଗୋଟେ ପୋଷ୍ଟ କରିଦେଲା, ତେବେ ରାତାରାତି ପୁଲିସ ତାକୁ ଉଠାଇ ଆଣୁଛି; ଆଉ ଖୋଲାଖୋଲି ପ୍ରତିପକ୍ଷ ମହିଳା ନେତ୍ରୀମାନଙ୍କ ପ୍ରତି ଅତ୍ୟନ୍ତ କଦର୍ଯ୍ୟ ଅପଶବ୍ଦ ପ୍ରୟୋଗ କରିଥିବା ସନ୍ତୋଷଙ୍କ ବିରୋଧରେ ଅଭିଯୋଗକୁ ପୁଲିସ ଡ଼ଷ୍ଟବିନ୍‌କୁ ଫିଙ୍ଗି ଦେଇଛି । ଏବେ କିନ୍ତୁ ଖଟୁଆ ବାବୁ ଆଉ ଏକ ନୂଆ ପ୍ରସଙ୍ଗକୁ ନେଇ ଭାରି ଚର୍ଚ୍ଚାରେ । ଗଲା ନିର୍ବାଚନ ସମୟରେ ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ କାନ୍ଦିକାନ୍ଦି ଲୋଟି ପଡୁଥିବା ଖଟୁଆ ବାବୁ ଭୋଟ ମାଗିବା ଭିଡ଼ିଓ ସହ ଏବେ ଭୋଟରଙ୍କୁ ସେ ଦେଇଥିବା ଧମକ ଦୃଶ୍ୟକୁ ମିଶାଇ କିଛି ଲୋକ ଭାଇରାଲ କରିଛନ୍ତି । ନିଜ ଅଞ୍ଚଳର ଦାବି ପୂରଣ ପାଇଁ ଆସିଥିବା କିଛି ମହିଳା ତାଙ୍କୁ ଭୋଟ ଦେବା କଥା କହିବାରୁ ଖଟୁଆ ବାବୁ ରାଗି ଖପ୍ପା । ମହିଳାମାନଙ୍କୁ ଭୋଟ କଥା କୁହନାହିଁ ଓ ତୁମ ଭୋଟରେ ମୁଁ ଜିତି ନାହିଁ ବୋଲି ଧମକ ଦେବା ନୀଳଗିରି ଅଞ୍ଚଳରେ ଚହଳ ସୃଷ୍ଟି କରିଛି । କେହିକେହି ତ ତାଙ୍କୁ ଉତ୍ତମ ଅଭିନୟ ପାଇଁ ଓସ୍କାର ପୁରସ୍କାର ପ୍ରଦାନ କରାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଟିପ୍ପଣୀ ଦେଉଥିବା ଏବେ ଶୁଣିବାକୁ ମିଳୁଛି ।



## ରାଜସ୍ୱ ବିଭାଗର 'ଥାର୍' ପ୍ରଶମନ

ଦି'ମାସ ତଳେ ଜାତୀୟ ଗଣମାଧ୍ୟମରେ ଓଡ଼ିଶାର ଗୋଟେ ଖବର ଭାରି ଭାଇରାଲ ହୋଇଥିଲା । ବନ ବିଭାଗ ଅଫିସରଙ୍କୁ ଦାମୀ ଥାର ଗାଡ଼ି ଯୋଗାଇ ଦିଆଯାଉଥିବାବେଳେ ରାଜ୍ୟର କ୍ରୀଡ଼ାବିତ୍‌ମାନଙ୍କୁ ଟ୍ରେନ୍ ଶୌଚାଳୟ ନିକଟରେ ଯାତ୍ରା କରାଇବା ବ୍ୟବସ୍ଥାକୁ ତୁଳନା କରି କିଛି ଜାତୀୟ ଗଣମାଧ୍ୟମ ଓଡ଼ିଶା ସରକାରଙ୍କୁ ଅପବାଦ ଦେଇଥିଲେ । ଏପରିକି ୧୫ ଲକ୍ଷ ଟଙ୍କାର ଗାଡ଼ିରେ ମୋଡ଼ିଫିକେସନ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚକୁ ନେଇ ବି ପ୍ରଶ୍ନ ଉଠିଥିଲା । ଏହାପରେ ବିଭାଗୀୟ ମନ୍ତ୍ରୀ ଗଣେଶବାବୁ ଥାର୍ କିଣାର ତଦନ୍ତ ହେବ ବୋଲି ଗଣମାଧ୍ୟମରେ କହିଲେ । ଏହାର ତଦନ୍ତ ଆରମ୍ଭ ହେଲା କି ନାହିଁ ତାହା ଭିନ୍ନ କଥା; ମାତ୍ର ଏବେ ସ୍ନେକ ହେଲ୍ ଲାଇନ୍ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ ଯେଉଁ ସତ୍ୟତମ ଅଭିଯୋଗଟି ଆଣିଛନ୍ତି, ତାହା ଆହୁରି ଭୟଙ୍କର । ଜଙ୍ଗଲ ବିଭାଗ ପକ୍ଷରୁ କିଣା ଯାଇଥିବା ଥାର ଗାଡ଼ିଗୁଡ଼ିକ କାମ୍ପା ପାଣ୍ଠି ବା ଜଙ୍ଗଲ ବିଭାଗ ଧନରୁ ନୁହେଁ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ କୁଆଡ଼େ କିଣା ଯାଇଛି ଏବଂ ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ଶୁଭେନ୍ଦୁ ତାଙ୍କ 'ମୁଖ ପୁସ୍ତକ'ରେ ପୋଷ୍ଟ କରିଛନ୍ତି । ଯଦି ଶୁଭେନ୍ଦୁଙ୍କ ଏହି ଅଭିଯୋଗଟି ବାସ୍ତବରେ ସତ୍ୟ ହୋଇଥାଏ, ତେବେ ଯା'ଠାରୁ ସାଂଘାତିକ କଥା ଆଉ କିଛି ନାହିଁ । ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବ୍ୟୟ ପାଇଁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ରହିଛି, ଏହାକୁ ଉଲ୍ଲଂଘନ କରିବା ଏକ ଗର୍ହିତ ଅପରାଧ । ଶୁଭେନ୍ଦୁଙ୍କ ଏହି ଅଭିଯୋଗ ଏବେ କୁଆଡ଼େ ସେତେବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମୁଖିଆ ଥିବା ସତ୍ୟବ୍ରତ ସାହୁଙ୍କ ଆଡ଼େ ମୁହାଁଇଲାଣି । ହେଲେ 'ଜଙ୍ଗଲ' ଓ 'ଥାର' ସହ ବିପର୍ଯ୍ୟୟ ପ୍ରଶମନ ବିଭାଗ ଓ ସତ୍ୟବ୍ରତଙ୍କ କି ସମ୍ପର୍କ, ତାହା ଆମକୁ ବୁଝା ପଡୁନାହିଁ ।



## ଭୋଜନ ଉପରେ ମହାଜନଙ୍କ ନିଘା

ସାଧାରଣତନ୍ତ୍ର ଦିବସରେ ସାରା କୋରାପୁଟ ଜିଲ୍ଲାରେ ଆମିଷ ବିକ୍ରି ଉପରେ ଯୁବ ଜିଲ୍ଲାପାଳ ମନୋଜ ମହାଜନଙ୍କ ନିଷେଧାଦେଶ ଜାରି ଅନେକଙ୍କ ପାଇଁ ଥିଲା ଅପ୍ରତ୍ୟାଶିତ । ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲା ପ୍ରଶାସନର ମୁଖିଆ, ମାତ୍ର ଯାର ଅର୍ଥ ନୁହେଁ ଯେ କିଏ କ'ଣ ଭୋଜନ କରିବ ବା ଭୋଜନ ନ କରିବ ସେ ନିର୍ଦ୍ଧାରଣ କରିବେ । ଖାଦ୍ୟ ହେଉଛି ଏକ ରୁଚି । ଯାହାକୁ ଯାହା ରୁଚିଲା, ତାହା ସେ ଖାଏ । ଅନେକ ଲୋକ ବିଭିନ୍ନ ପୂଜା ପାର୍ବଣରେ ଅନ୍ନ ତ୍ୟାଗ କରି ଫଳାହାର କରୁଥିବା ବି ଦେଖାଯାଏ । ଉପବାସ ବ୍ରତ କରୁଥିବା ଲୋକଙ୍କୁ ଜିଲ୍ଲା ପ୍ରଶାସନ କ'ଣ ଫଳମୂଳ ଯୋଗାଇ ଦେଉଛି କି ? ଯିଏ ଉପାସ ରହୁଛି, ତା' ଘରେ ଚାଉଳ ପହଞ୍ଚାଉଚି କି ? ଯଦି ଏହାର ଉତ୍ତର ନା, ତେବେ ଲୋକଙ୍କ ଖାଦ୍ୟ ରୁଚି ପରିବର୍ତ୍ତନ ପାଇଁ ଜିଲ୍ଲାପାଳଙ୍କୁ ଅଧିକାର ଦେଲା କିଏ? ମନୋଜ ବାବୁ ଏକ ଶୃଙ୍ଖଳିତ ମଧ୍ୟବିତ୍ତ ମରାଠୀ ପରିବାରରୁ ଆସିଛନ୍ତି । ଜୀବନରେ ସେ ଅନେକ ଉତ୍‌ଥାନ ପତନ ଦେଖିଛନ୍ତି, ଶିକ୍ଷକ ବାପାଙ୍କ ଅନୁପ୍ରେରଣା ତାଙ୍କର ଆଇଏଏସ୍ ସ୍ୱପ୍ନକୁ ସାକାର କରିଛି । ଜିଲ୍ଲାପାଳ ପରି ଏକ ମର୍ଯ୍ୟାଦାଜନକ ପଦରେ ସେ ଅଧିଷ୍ଠିତ ହୋଇଛନ୍ତି । ପରିବାର ସଂସ୍କାର ଓ ଅନୁଶାସନ ତାଙ୍କ ରକ୍ତରେ ରହିଛି । ହେଲେ ଲୋକଙ୍କ ରୋଷଘର ଓ ଭୋଜନ ଉପରେ ନିଘା କରିବା ତାଙ୍କ ପାଇଁ ଯେ ଶୋଭା ପାଉନାହିଁ, ଏ କଥା ସେ ଭୂଲିଗଲେ କିପରି ? ବିଭିନ୍ନ ମହଲରୁ ବିରୋଧ ପରେ ଅବଶ୍ୟ କୋରାପୁଟ ଜିଲ୍ଲା ପ୍ରଶାସନ ବିବାଦୀୟ 'ଆଇଁଷ' ବିଜ୍ଞପ୍ତି ପ୍ରତ୍ୟାହାର କରି ନେଲେ, ମାତ୍ର ମନୋଜ ବାବୁ ଏଥିରୁ ପାଇଥିବା ଶିକ୍ଷାକୁ ସମ୍ଭବତଃ କେବେ ବି ଭୂଲିବେ ନାହିଁ ।

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।